## ଅଲ୍ଲାଃ ତାଲାଙ୍କ ବାଣୀ

يَآيُّهَا الَّذِيْنَ اٰمَنُوْٓا اَوْفُوْا بِالْعُقُوْدِ

(سورۃ المائدہ:2)

ଅନୁବାଦ- ହେ ବିଶ୍ୱାସକାରୀମାନେ ! ନିଜର ଚୁକ୍ତିଗୁଡ଼ିକୁ ପାଳନ କର ।

*(ଅଲ୍‌ମାଇଦା: ୨)*

يَآيُّهَا الَّذِيْنَ اٰمَنُوْا لَا تُحِلُّوْا شَعَآئِرَ اللّٰهِ

(سورۃ المائدہ:3)

ଅନୁବାଦ- ହେ ବିଶ୍ୱାସକାରୀମାନେ ! ଅଲ୍ଲାଃଙ୍କ ଦ୍ୱାରା (ନିର୍ଦ୍ଦିଷ୍ଟ କରାହୋଇଥିବା) ନିଦର୍ଶନଗୁଡ଼ିକୁ ଅନାଦର କରନାହିଁ ।

*(ଅଲ୍‌ମାଇଦା: ୩)*


بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 6

ସଂଖ୍ୟା 16

ସାପ୍ତାହିକ

# ବଦର

Weekly **BADAR** Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

22 ଏପ୍ରିଲ୍ 2021 | 22 ଶାହାଦତ୍ 1400 ହି.ଶ | 09 ରମ୍‌ଜାନ୍ 1442 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

## ମନ ବହୁତ ଦୁଃଖ ହେଉଛି ଯେ, ମୁଁ କଣ କରିପାରିବି ଯେ, ଆମ ଯମାତ୍ ପ୍ରକୃତ ଧାର୍ମିକତା ଏବଂ ଶୁଦ୍ଧତା ଗ୍ରହଣ କରିପାରିବେ

### ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ନିଶ୍ଚିତରୂପେ ଏହି କଥାକୁ ମନେରଖ ଯେ ଈଶ୍ୱର ତା' ଭକ୍ତକୁ କେବେ ବି ନଷ୍ଟ କରିବେ ନାହିଁ ଏବଂ ଯେଉଁ ଉଦ୍ଦେଶ୍ୟକୁ ନେଇ ସେ ଏ ସଂସାରକୁ ଆସିଛି, ଯେ ପର୍ଯ୍ୟନ୍ତ ସେହି ଉଦ୍ଦେଶ୍ୟଗୁଡ଼ିକ ତା ହାତରେ ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ତାକୁ ଏ ସଂସାରରୁ ନେବେ ନାହିଁ । କାହାର ଶତୃତା ଏବଂ ତାଙ୍କ ବିରୁଦ୍ଧରେ କାହାର ବଦ୍‌ଦୁଆ ( ଅର୍ଥାତ ଅଭିଶାପ) ତାଙ୍କୁ କ୍ଷତି ପହଂଚାଇ ପାରିବନାହିଁ ।

ଏ କଥା କହିବାର କାରଣ ଏପରି ହେଲା କି ଜଣେ ବ୍ୟକ୍ତି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ କହିଲେ ଯେ, ଆପଣଙ୍କର ଜଣେ ବିରୋଧି ଯିଏ ନିଜକୁ ମୁଲ୍‌ହମ୍ (ଅର୍ଥାତ ଈଶ୍ୱରଙ୍କ ତରଫରୁ ଐଶିବାଣୀ ପ୍ରାପ୍ତ କରୁଥିବା ବ୍ୟକ୍ତି) ହେବାର ଦାବି କରୁଛନ୍ତି, ସେ ଏକଥା କହିଛନ୍ତି ଯେ ଆପଣଙ୍କର ଏହି ସମ୍ପ୍ରଦାୟ ଏବେ ଧ୍ୱଂସ ହେବାକୁ ଯାଉଅଛି । **କବୁରତ୍ କଲିମତନ୍ ତଖ୍‌ରୁଜୁ ମିନ୍ ଅଫ୍‌ୱାହିହିମ୍ ଇନ୍ ୟକୁଲୁନା ଇଲ୍ଲା କଜିବା** (ଅଲ୍‌କହଫ୍:୬) । ପୁଣି ବହୁତ ଦୁଃଖ ପ୍ରକାଶ କରି କହିଲେ:

ଗତକାଲି (ଯଥା ୨୨ ଜୁନ୍ ୧୮୯୯ ମସିହାରେ) ମତେ ଅନେକଥର ଈଶ୍ୱରଙ୍କ ତରଫରୁ ଏଲ୍‌ହାମ୍ (ସ୍ୱର୍ଗବାଣୀ) ହେଲା ଯେ ତୁମେମାନେ ମୁତ୍‌ତକି (ଅର୍ଥାତ ଧର୍ମପରାୟଣ) ହୋଇଯାଅ ଏବଂ ଧର୍ମପରାୟଣତାର ସୂକ୍ଷ୍ମରୁ ସୂକ୍ଷ୍ମତର ମାର୍ଗରେ ପରିଚାଳିତ ହୁଅ, ତା'ହେଲେ ଈଶ୍ୱର ତୁମ ସହିତ ରହିବେ । ଏହା ଦ୍ୱାରା ମୋ ମନ ବହୁତ ଦୁଃଖ ହେଉଛି ଯେ, ମୁଁ କଣ କରିପାରିବି ଯେ, ଆମ ଯମାତ୍ ପ୍ରକୃତ ଧାର୍ମିକତା ଏବଂ ଶୁଦ୍ଧତା ଗ୍ରହଣ କରିପାରିବେ । ମୁଁ ଏତେ ମାତ୍ରାରେ ଦୁଆ କରୁଛି ଯେ ଦୁଆ (ପ୍ରାର୍ଥନା)ରେ ଲାଗି ରହିଥିବା ବେଳେ ମୁଁ ଦୁର୍ବଳତା ଦ୍ୱାରା ପରାଜିତ ହୋଇଯାଉଛି ଓ ବେଳେବେଳେ ମୁଁ ଚେତା ହରାଇ ବସୁଛି ଓ ମୋର ଅବସ୍ଥା ଏମିତି ହୋଇଯାଉଛି ସତେ କି ମୁଁ ମରିଯିବି । ଯେ ପର୍ଯ୍ୟନ୍ତ କୌଣସି ସମ୍ପ୍ରଦାୟ ଈଶ୍ୱରଙ୍କ ଦୃଷ୍ଟିରେ ଧର୍ମପରାୟଣ ନ ହୋଇଛି, ସେ ପର୍ଯ୍ୟନ୍ତ ଈଶ୍ୱରୀୟ ସାହାଯ୍ୟ ପ୍ରାପ୍ତ କରିପାରିବ ନାହିଁ । ସମସ୍ତ ପବିତ୍ର ପୁସ୍ତକ, ତୌରାତ୍ ଏବଂ ଇଞ୍ଜିଲର ଶିକ୍ଷାର ସାରାଂଶ ହେଉଛି ଧର୍ମପରାୟଣତା । ପବିତ୍ର କୁର୍‌ଆନ୍ ଗୋଟିଏ ଶବ୍ଦରେ ହିଁ ଈଶ୍ୱରଙ୍କ ମହାନ୍ ଇଚ୍ଛା ଏବଂ ଅଭିଳାଷକୁ ପ୍ରକାଶ କରିଦେଇଛି । ମୁଁ ମଧ୍ୟ ଏ ବିଚାର କରୁଅଛି ଯେ ମୋ ସମ୍ପ୍ରଦାୟରେ ଯେଉଁମାନେ ପ୍ରକୃତରେ ଧାର୍ମିକ ଓ ଧର୍ମକୁ ପ୍ରାଧାନ୍ୟ ଦେଉଛନ୍ତି ଓ ଯେଉଁମାନେ ଅଲ୍ଲାଃଙ୍କ ପ୍ରତି ସମର୍ପିତ, ସେମାନଙ୍କୁ ଅଲଗା କରି କିଛି ନିର୍ଦ୍ଦିଷ୍ଟ ଧାର୍ମିକ କାର୍ଯ୍ୟ ସେମାନଙ୍କଠାରେ ନ୍ୟସ୍ତ କରିବି ତା'ପରେ ପୁଣି ଯେଉଁମାନେ ସାଂସାରିକ ଦୁଃଖରେ ଅବଶୋଷିତ ରହୁଛନ୍ତି ଏବଂ ରାତି ଦିନ ଏହି ମୃତପ୍ରାୟ ସଂସାରକୁ ପ୍ରାପ୍ତ କରିବାପାଇଁ ନିଜର ଜୀବନକୁ ନଷ୍ଟ କରିଦେଉଛନ୍ତି ସେମାନଙ୍କ ବିଷୟରେ ମୁଁ ଚିନ୍ତା କରିବିନାହିଁ ।

ହାୟ ! ଏବେ ଭଗବାନଙ୍କ ବ୍ୟତୀତ ମୋର କେହି ନାହାନ୍ତି ଆପଣା ଓ ପର ସମସ୍ତେ ଏକଥାରେ ମାତିଛନ୍ତି ଯେ, ସେମାନେ କିପରି ମତେ ଅପମାନିତ କରିବେ । ମୁଁ କିପରି ଯନ୍ତ୍ରଣା ଭୋଗ କରେ ସେଥିଯୋଗୁଁ ସେମାନେ ଦିନରାତି ଅପେକ୍ଷା କରି ବସିଛନ୍ତି । ଏବେ ଯଦି ଖୁଦାତାଲା ଆମକୁ ସାହାଯ୍ୟ ନ କରନ୍ତି ତେବେ ମୋର ଠିକଣା କଣ ? ଅର୍ଥାତ ମୁଁ କେଉଁ ଆଡ଼େ ଯିବି । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୭୬ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

**ଯଦି ଏ କଥାକୁ ଆଖି ଆଗରେ ରଖି ଏ କାମ କରାଯାଏ ଯେ ତବ୍‌ଲିଗ୍ (ଅର୍ଥାତ ଧର୍ମକାର୍ଯ୍ୟର ପ୍ରଚାର ପ୍ରସାରର) କାମରେ କୌଣସି ଅସୁବିଧା ନ ହେଉ ବା ଅନ୍ୟ କୌଣସି ଏପରି କାର୍ଯ୍ୟ ପାଇଁ ଯାହା ଜାତୀୟ, ଧର୍ମବିଧାନ ସମ୍ବନ୍ଧିତ ବା ଧାର୍ମିକ କାର୍ଯ୍ୟ ହୋଇଥିବ ଓ ମଣିଷ ସେଥି ସକାଶେ ନିଜର ଇଜ୍ଜତ ସମ୍ମାନକୁ ମଧ୍ୟ ବଳି ପକାଇ ନିଜ ଉପରେ ଲଗାଯାଇଥିବା ମିଥ୍ୟାରୋପକୁ ରହିବାକୁ ଦିଏ, ତା'ହେଲେ ଏପରି ବ୍ୟକ୍ତି ନିଶ୍ଚିତ ରୂପେ ସେହି ବ୍ୟକ୍ତିଠାରୁ ଅଧିକ ଓ ଉଚ୍ଚ ପଦମର୍ଯ୍ୟାଦାରେ ଅଧିଷ୍ଠିତ ଯିଏ ନିଜ ଇଜ୍ଜତର ସୁରକ୍ଷା କୌଣସି ପୂଣ୍ୟ ଉଦ୍ଦେଶ୍ୟ ପାଇଁ ଚାହିଁଥାଏ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି । ଯେତେବେଳେ ହଜ୍‌ରତ୍ ୟୁସୁଫ୍ ଆ:ସଙ୍କୁ ବାଦ୍‌ଶହ୍ (ସମ୍ରାଟ) ଡ଼କାଇ ପଠାଇଲେ, ସେତେବେଳେ ତାଙ୍କ ପାଇଁ ଦୁଇଟି ରାସ୍ତା ଖୋଲା ଥିଲା ତତ୍‌କ୍ଷଣାତ୍ ବାହାରି ଆସିଥାନ୍ତେ ବା ପ୍ରଥମେ ଦୋଷମୁକ୍ତ ହୋଇଥାନ୍ତେ ତା'ପରେ ବାହାରିଥାନ୍ତେ । ଏହି ଦୁଇଟି କାର୍ଯ୍ୟ ପରସ୍ପର ବିରୋଧି ମନେ ହୁଏ କିନ୍ତୁ ଦୁଇଟି ଭିନ୍ନ ଦୃଷ୍ଟିକୋଣରୁ ଏହି ଦୁଇଟି କାର୍ଯ୍ୟ ପୂଣ୍ୟ ହୋଇଥାଏ ଅଥବା ଏହି ଦୁଇଟି କାର୍ଯ୍ୟ କୁକର୍ମ ହୋଇଯାଇଥାଏ । ତାହା ଏପରି କି ଯଦି ହଜ୍‌ରତ୍ ୟୁସୁଫ୍ ଆ:ସ ଗର୍ବ ଓ ଅହଙ୍କାରରେ ବଶିଭୂତ ହୋଇ ଏପରି କରିଥାନ୍ତେ ଯେ ପ୍ରଥମେ ଲୋକମାନେ ନିଜର ପାପକୁ ସ୍ୱୀକାର କରିଲେ ମୁଁ ଯାଇ ବାହାରିବି, ତା ହେଲେ ଏହା ପାପ ହୋଇଥାନ୍ତା । ସେହିଭଳି ଯଦି ସେ ଏପରି ଶୈଳୀକୁ ଆପଣେଇଥାନ୍ତେ ଯେ ନିଜର ଆରାମ ପାଇଁ ବିନା କୌଣସି ଧାର୍ମିକ ହିତକୁ ଆଖି ଆଗରେ ରଖି ତତ୍‌କ୍ଷଣାତ୍ ବାହାରି ଚାଲିଯାଇଥାନ୍ତେ, ତା'ହେଲେ ଏହା ବି ପାପ ହୋଇଥାନ୍ତା କିନ୍ତୁ ସେ ବାହାରିବାକୁ ମନା କରିଦେଲେ । ଏଥିଯୋଗୁଁ ନୁହେଁ କି ସେ ଅହଙ୍କାରୀ ଥିଲେ ବରଂ ଯେମିତିକି ସେ ନିଜେ ବତାଇଛନ୍ତି ଯେ, କେବଳ ଏଥି ସକାଶେ ବାହାରିଲେ ନାହିଁ କି ତାଙ୍କର ଜଣେ ଉପକାରୀ ବ୍ୟକ୍ତି ଏ ସନ୍ଦେହରେ ନ ପଡ଼ିଯାଉ ଯେ ୟୁସୁଫ୍ (ଆ:ସ)ତାଙ୍କ ସହିତ ବିଶ୍ୱାସଘାତକ କରିଛି କି । ତେଣୁ ଏହି ଉଚ୍ଚକୋଟିର ମନୋଭାବ ଯୋଗୁଁ ତାଙ୍କର ଏହି କର୍ମ ଏକ ଉଚ୍ଚସ୍ତରର ପୂଣ୍ୟଥିଲା । କିନ୍ତୁ ଏବେ ଚତୁର୍ଥ ଦୃଷ୍ଟିକୋଣ ମଧ୍ୟ ରହିଛି, ଯାହା ଅନ୍ତର୍ଗତ ତତ୍‌କ୍ଷଣାତ୍ ବାହାରିଯିବା ଏକ ପୂଣ୍ୟ ହୋଇଯାଏ ଏବଂ ଏହି ଦୃଷ୍ଟିକୋଣକୁ ରସୁଲେ୍ କରିମ୍ ସ:ଆ:ସ ଅକ୍ତିଆର୍ କରିଛନ୍ତି । ଏହି ଦୃଷ୍ଟିକୋଣ ଦ୍ୱାରା ନିଜର ଦାୟିତ୍ୱକୁ ନିର୍ବାହ କରିବାର ଚିନ୍ତାଧାରା ରହିଛି । ଜଣେ ନବୀ ବା ମୁଅଲ୍ଲିମ୍ ଲୋକମାନଙ୍କୁ ତବ୍‌ଲିଗ୍ କରିବାପାଇଁ ଈଶ୍ୱରଙ୍କ ତରଫରୁ ନିୟୋଜିତ ହୋଇଥାଏ ଓ ତାଙ୍କର ଏ ଦାୟିତ୍ୱ ଓ

## ନବୀ ସ:ଆ:ସଙ୍କ ବାଣୀ

(୧୧୭୮) ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ମସଉଦ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୁଁ ନବୀ ସ:ଆ:ସଙ୍କୁ, ସେ ନମାଜ ପାଠ କରୁଥିବା ଅବସ୍ଥାରେ ସଲାମ କରୁଥିଲି ଓ ମହାଭାଗ ସ:ଆ:ସ ମତେ ଉତର ମଧ୍ୟ ଦେଉଥିଲେ । ଯେବେ ଆମେ (ହବ୍‌ଶାକୁ କରାଯାଇଥିବା ହିଜ୍‌ରତ୍‌ରୁ) ଲେଉଟି ଆସିଲୁ ସେତେବେଳେ ମୁଁ ନବୀ ସ:ଆ:ସଙ୍କୁ ସଲାମ୍ କଲି । ଏବେ ସେ ମୋ ସଲାମ୍‌ର ଉତର ଦେଲେନାହିଁ । ଓ (ପରେ) କହିଲେ: ନମାଜରେ ମଧ୍ୟ ଏକ ମନଯୋଗ ରହିଥାଏ ।

(୧୨୧୭) ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ନିଜର କୌଣସି ଏକ କାମ ପାଇଁ ମତେ ପଠାଇଲେ, ମୁଁ ଚାଲିଗଲି । ପୁଣି ମୁଁ ସେହି କାମକୁ ସମ୍ପୁର୍ଣ୍ଣ କରି ଫେରିଲି । ମୁଁ ନବୀ ସ:ଆ:ସଙ୍କ ନିକଟକୁ ଆସିଲି ଓ ସଲାମ୍ କଲି କିନ୍ତୁ ମହାଭାଗ ସ:ଆ:ସ ମୋ ସଲାମ୍‌ର ଜବାବ୍ ଦେଲେନାହିଁ । ସେତେବେଳେ ମୋ ଭିତରେ ଯେଉଁ ଭାବନା ଆସିଲା, ତାକୁ ଅଲ୍ଲାଃ ହିଁ ଭଲଭାବରେ ଜାଣିଛନ୍ତି । ମୁଁ ମନେ ମନେ କହିଲି: ବୋଧ ହୁଏ ରସୁଲୁଲ୍ଲାଃ ସ:ଆ:ସ ମୋ ଉପରେ ନାରାଜ ଅଛନ୍ତି, କାରଣ ମୁଁ ବିଳମ୍ବ କରିଦେଇଛି । ପୁଣି ମୁଁ ସଲାମ୍ କଲି, ଏଥରକ ପୁଣି ମହାଭାଗ ମୋ ସଲାମ୍‌ର ଉତର ଦେଲେ ନାହିଁ । ଏଥରକ ମୋ ମନକୁ ପୂର୍ବଠାରୁ ଅଧିକା କଷ୍ଟ ହେଲା । ପୁଣି ମୁଁ ଆପଣ ସ:ଆ:ସଙ୍କୁ ସଲାମ୍ କରିବାରେ ଆପଣ ସ:ଆ:ସ ମତେ ଉତର ଦେଲେ ଓ କହିଲେ: ମୁଁ ନମାଜ ପଢୁଥିଲି, ତେଣୁ ତାହା ମତେ ଉତର ଦେବାରୁ ରୋକିଥିଲା ।

(ବ୍ୟାଖ୍ୟା) ହଜ୍‌ରତ୍ ସୟଦ ଜଇନୁଲ୍ ଆବେଦିନ୍ ୱଲିଅଲ୍ଲାଃ ଶାହ୍ ସାହେବ୍ ର:ଅ କହିଛନ୍ତି: କେତେକ ଫୋକ୍‌ହା (ଧର୍ମଜ୍ଞାନ ରଖିଥିବା ବିଶେଷ ଜ୍ଞାନୀ)ଙ୍କ ରାୟ ହେଉଛି ଏହା କି ସଲାମ୍‌ର ଉତର ପ୍ରାର୍ଥନାମୂଳକ ଭାବେ ନିଜ ମନ ଭିତରେ ଦେଇ ଦିଅନ୍ତୁ । ମୁହଁରୁ ୱ ଆଲୈକୁମ୍ ସଲାମ୍ ଉଚ୍ଚାରଣ କରାନଯାଉ ବା ଇସାରା କରି ଉତର ଦିଆଯାଉ । ଏହି ରାୟକୁ ଇମାମ୍ ବୁଖାରୀ ରହେମୁଲ୍ଲାଃ ସମ୍ପୁର୍ଣ୍ଣରୂପେ ରଦ୍ଦ କରିଛନ୍ତି । ରିୱାୟତ୍ ନଂ ୧୨୧୬, ୧୨୧୭ ରୁ ପ୍ରକାଶ ହେଉଅଛି ଯେ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ନମାଜ ପାଠ ଶେଷ କରିବା ପରେ ସଲାମ୍‌ର ଉତର ଦେଇଛନ୍ତି । ଏହା ହେଉଛି ସମସ୍ତଙ୍କର ମତ । ***(ସହି ବୁଖାରୀ, ଖଣ୍ଡ-୨, ମୁଦ୍ରଣ କାଦିଆନ୍-୨୦୧୬)***

କର୍ତ୍ତବ୍ୟ ଯେ ସେ ନିଜର ସମସ୍ତ ଜିନିଷକୁ ଏହି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦେଉ । ଏପରି କି ଏଥିସକାଶେ ଯଦି ନିଜର ଇଜ୍ଜତ ଓ ସୁନାମକୁ ମଧ୍ୟ ବଳିଦାନ ଦେବାକୁ ପଡ଼େ, ତେବେ ସେ ଏହାର ପରବାଏ କରେନାହିଁ । ଜଣେ ନବୀ ଯଦି ଜେଲ୍ ଭିତରେ ରହିବେ ତେବେ ସେ ତବ୍‌ଲିଗ୍ କରିପାରିବେ ନାହିଁ ଅଥବା ତାଙ୍କର ତବ୍‌ଲିଗ୍ ସୀମିତ ହେବ । ଯଦି ସେ ଏହି ଦୃଷ୍ଟି କୋଣରୁ ନିଜକୁ ମୁକ୍ତ ହେବାକୁ ଚାହିଁବେ ତା'ହେଲେ ଏହା ତାଙ୍କର ବହୁତ ବଡ଼ ବଳିଦାନ ହେବ । ଯଦି ସେ ସ୍ୱଚ୍ଛ ନ ହୋଇ ଜେଲ୍‌ରୁ ବାହାରିଯିବେ ଓ ନିଜ କର୍ମର ମୁକାବିଲାରେ ନିଜର ଇଜ୍ଜତକୁ ପରବାଏ ନ କରିବେ । ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍ ୟୁସୁଫ୍ ଆ:ସଙ୍କ ଘଟଣାର ଚର୍ଚ୍ଚା କରି ନିଜ ପାଇଁ ଶେଷ ପଦ୍ଧତିକୁ ପସନ୍ଦ କଲେ । ମହାଭାଗ ସ:ଆ:ସ କହିଛନ୍ତି ଯେ: **ଲଓ ଲବିସ୍‌ତୁ ଫିଲ୍ ସିଜ୍‌ନା ମା ଲବିସା ୟୁସୁଫୁ ଲଅଜବ୍‌ତୁଦ୍ ଦାଈ** ଅର୍ଥାତ:- ଯଦି ମୁଁ ଏତେ ସମୟ ଜେଲ୍ ଭିତରେ ରହିଥାନ୍ତି, ଯେତେ ସମୟ ୟୁସୁଫ୍ ଆ:ସ ରହିଥିଲେ ତା'ହେଲେ ମୁଁ ଡ଼ାକିବା ଲୋକର କଥାକୁ ଗ୍ରହଣ କରିଥାନ୍ତି । (ବୁଖାରୀ ଏବଂ ମୁସ୍‌ଲିମ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ) ଏବଂ ମସ୍‌ନଦ୍ ଅହ୍‌ମଦ୍ ହମ୍ବଲ୍‌ରେ ଅବୁ ହୁରୈରାଃ ର:ଅଙ୍କଠାରୁ ହିଁ ବର୍ଣ୍ଣିତ ଅଛି କି **ଲଅସ୍‌ରଅତୁଲ୍ ଇଜାବତା ୱ ମବ୍‌ତଗଇତୁଲ୍ ଉଜ୍‌ରା**- ଅର୍ଥାତ ମୁଁ ତତ୍‌କ୍ଷଣାତ୍ ତାଙ୍କ କଥାକୁ ଗ୍ରହଣ କରିନେଇଥାନ୍ତି ଓ ଏ ବାହାନା କରିନଥାନ୍ତି ଯେ ପ୍ରଥମେ ମତେ ଦୋଷମୁକ୍ତ କରାଅ । ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ଏହା ବୁଝିପାରୁଥିବ ଯେ ସେହି ଦୁଇଟି ସ୍ଥାନ ମଧ୍ୟରୁ ସେହି ସ୍ଥାନଟି ଅଧିକ ଉଚ୍ଚତମ ସ୍ଥାନ ଯାହାକୁ ରସୁଲେ କରିମ୍ ସ:ଆ:ସ ନିଜ ପାଇଁ ପସନ୍ଦ କରିଛନ୍ତି କାରଣ ଯଦିଚ ସମ୍ମାନର ସୁରକ୍ଷା କରିବା ହେଉଛି ଏକ ଉଚ୍ଚସ୍ତରର କାର୍ଯ୍ୟ କିନ୍ତୁ ଯଦି ଏ କଥାକୁ ଆଖି ଆଗରେ ରଖି ଏ କାମ କରାଯାଏ ଯେ ତବ୍‌ଲିଗ୍ (ଅର୍ଥାତ ଧର୍ମକାର୍ଯ୍ୟର ପ୍ରଚାର ପ୍ରସାରର) କାମରେ କୌଣସି ଅସୁବିଧା ନ ହେଉ ବା ଅନ୍ୟ କୌଣସି ଏପରି କାର୍ଯ୍ୟ ପାଇଁ ଯାହା ଜାତୀୟ, ଧର୍ମବିଧାନ ସମ୍ବନ୍ଧିତ ବା ଧାର୍ମିକ କାର୍ଯ୍ୟ ହୋଇଥିବ ଓ ମଣିଷ ସେଥି ସକାଶେ ନିଜର ଇଜ୍ଜତ ସମ୍ମାନକୁ ମଧ୍ୟ ବଳି ପକାଇ ନିଜ ଉପରେ ଲଗାଯାଇଥିବା ମିଥ୍ୟାରୋପକୁ ରହିବାକୁ ଦିଏ, ତା'ହେଲେ ଏପରି ବ୍ୟକ୍ତି ନିଶ୍ଚିତ ରୂପେ ସେହି ବ୍ୟକ୍ତିଠାରୁ ଅଧିକ ଓ ଉଚ୍ଚ ପଦମର୍ଯ୍ୟାଦାରେ ଅଧିଷ୍ଠିତ ଯିଏ ନିଜ ଇଜ୍ଜତର ସୁରକ୍ଷା କୌଣସି ପୂଣ୍ୟ ଉଦ୍ଦେଶ୍ୟ ପାଇଁ ଚାହିଁଥାଏ । ***(ତଫ୍‌ସିର କବୀର, ଖଣ୍ଡ-୩, ପୃ-୩୨୪.....୨୦୧୦)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୯ ର ଅବଶିଷ୍ଟାଂଶ ......*

କରିଥିଲେ । ସ୍ୱର୍ଗତଙ୍କର ତବ୍‌ଲିଗ୍ ପ୍ରତି ଅର୍ଥାତ ପ୍ରଚାର କରିବା ପ୍ରତି ଅଭିରୁଚି ରହିଥିଲା, ଖଲିଫାଙ୍କ ପାଇଁ ସେ ବହୁତ ଦୁଆ କରୁଥିଲେ, ସେ ନିଜାମେ ଓ୍ୱସିୟତ୍‌ରେ ସାମିଲ ଥିଲେ । ସ୍ୱର୍ଗତ ଲିଓ୍ୱି କଜ୍‌କ ସାହେବ୍ ଏହା ଜାଣିପାରିଥିଲେ ଯେ, ତାଙ୍କର ମୃତ୍ୟୁ ନିକଟବର୍ତ୍ତୀ ବୋଲି ତେଣୁ ସେ ନିଜେ ମୃତ୍ୟୁର କିଛିଦିନ ପୂର୍ବରୁ ନିଜର ମାତାଶ୍ରୀ ଓ ନିଜର ପତ୍ନୀମାନଙ୍କ ସମ୍ମୁଖରେ ନିଜ ମୃତ୍ୟୁ ସମ୍ପର୍କରେ ଚର୍ଚ୍ଚା କରିଥିଲେ ।

ଚତୁର୍ଥ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ଫର୍‌ହତ୍ ନସୀମ୍ ସାହେବା ରବ୍‌ୱା ନିବାସୀଙ୍କର । ସେ ସମ୍ମାନନୀୟ ମୁହମ୍ମଦ ଇବ୍ରାହିମ୍ ହନିଫ୍ ସାହେବଙ୍କର ପତ୍ନୀ ଥିଲେ । ଡ଼ିସେମ୍ବର ମାସ ୨୬ ତାରିଖ ଦିନ ୮୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।*** ସ୍ୱର୍ଗତାଙ୍କ ପିତା ହଜ୍‌ରତ୍ ମିଆଁ ଇଲମ୍‌ଦିନ୍ ସାହେବ ର:ଅ ଓ ଦାଦା ହଜ୍‌ରତ୍ ମିଆଁ କୁତୁବିଦ୍ଦିନ୍ ସାହେବ ଲୋଧି ନଙ୍ଗଲି ର:ଅ ଗୁରଦାସ୍‌ପୁର୍ ଜିଲ୍ଲାର ଅଧିବାସୀ ଥିଲେ । ସେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବାମାନଙ୍କ ମଧ୍ୟରେ ସାମିଲ ଥିଲେ ।

ସେ ଅସଂଖ୍ୟ ସୁଗୁଣାବଳୀର ଅଧିକାରିଣୀ ଥିଲେ । ସେମାନେ ନିୟମିତ ନମାଜ ଓ ରୋଜା ରଖୁଥିଲେ । ତହ୍‌ଜୁଦ୍ ପ୍ରିୟ, ଧୈର୍ଯ୍ୟଶୀଳା ଏବଂ କୃତଜ୍ଞ ଜ୍ଞାପନକାରୀ ମହିଳା ଥିଲେ । ସେ ବହୁତ ଦୁଆ କରୁଥିଲେ ଏବଂ ସରଳ ନିଷ୍କପଟ ସ୍ୱଭାବ ମହିଳା ଥିଲେ । ସେ ଅଭାବୀ ଗରୀବ ଲୋକମାନଙ୍କୁ ସାହାଯ୍ୟ ବି କରୁଥିଲେ ଏବଂ ଖିଲାଫତ୍‌କୁ ନିଜ ପ୍ରାଣଠାରୁ ବି ଅଧିକ ଭଲ ପାଉଥିଲେ । ସେ ଜଣେ ନୈଷ୍ଠିକ ସଦାଚାରିଣି ମହିଳା ଥିଲେ । ବିଭିନ୍ନ ଚାନ୍ଦାର ଆହ୍ୱାନରେ ସେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଅଂଶ ଗ୍ରହଣ କରୁଥିଲେ । ସେ ଅନେକ ଆହ୍ୱାନରେ ନିଜର ଆଭୁଷଣ ଆଦିକୁ ଉପସ୍ଥାପିତ କରିବାକୁ ମଧ୍ୟ ସୌଭାଗ୍ୟ ଲାଭ କରିଥିଲେ । ସ୍ୱର୍ଗତା ଫର୍‌ହତ୍ ସାହେବା ଓ୍ୱସିୟତ୍ କରିଥିଲେ । ମୃତକାଙ୍କ ପରିବାରରେ ତିନିଜଣ ପୁତ୍ର ଓ ତିନିଜଣ କନ୍ୟା ସନ୍ତାନ ଅଛନ୍ତି ଏବଂ ଅନେକ ପୌତ୍ରପୌତ୍ରୀମାନେ ଅଛନ୍ତି । ତାଙ୍କର ଦୁଇଜଣ ନାତି ମୁବଲିଗ୍ ସିଲ୍‌ସିଲା ଅଟନ୍ତି ଏବଂ ତାଙ୍କର ଜଣେ ପୁତ୍ର ମଧ୍ୟ ମୁବଲିଗ୍ ସିଲ୍‌ସିଲା ଅଟନ୍ତି ।

ଅଲ୍ଲାଃ ତାଲା ଏହି ସମସ୍ତ ମୃତକ ଓ ମୃତକାମାନଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ଏମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

କରିଛି । ଦୁଇଟି ହଲ୍ ପୁରୁଷମାନଙ୍କ ପାଇଁ ବିଶେଷରୂପେ ଥିଲା ଯେବେକି ଆଉ ତିନୋଟି ହଲ୍ ମହିଳାମାନଙ୍କ ପାଇଁ ସରଂକ୍ଷଣ କରାଯାଇଥିଲା ।

ଜର୍ମାନୀର ବିଭିନ୍ନ ଯମାତ୍‌ଗୁଡ଼ିକରୁ ଯମାତ୍‌ର ସଦସ୍ୟମାନେ ପୁରୁଷ ଓ ମହିଳା ଇତ୍ୟାଦି ସଦସ୍ୟବୃନ୍ଦ ସକାଳୁ ହିଁ ଏଠାରେ ପହଂଚିବା ଆରମ୍ଭ କରିଦେଇଥିଲେ । ପ୍ରତ୍ୟେକଙ୍କର ଏହି ଅଭିଳାଷ ଥିଲା ଯେ, ସେ କିଭଳି ନିଜ ପ୍ରୀୟ ଆକାଙ୍କ ନେତୃତ୍ୱରେ ଜୁମା ନମାଜ ପଢ଼ିବାର ସୌଭାଗ୍ୟ ପ୍ରାପ୍ତ କରିବ ।

ଜର୍ମାନୀର ୨୧୦ଗୋଟି ଯମାତ୍‌ଗୁଡ଼ିକରୁ ଯମାତ୍‌ର ସଦସ୍ୟମାନେ ଜୁମା ନମାଜ ପାଇଁ ଏଠାରେ ଆସି ପହଂଚିଥିଲେ । ସେମାନଙ୍କ ମଧ୍ୟରୁ କେତେକ ବହୁତ ଲମ୍ବା ରାସ୍ତା ଅତିକ୍ରମ କରି ଏଠାରେ ପହଂଚିଥିଲେ । Herford ଯମାତ୍‌ରୁ ଆସିଥିବା ସଦସ୍ୟମାନେ ୨୩୦ କିମି, ଆଖୁନ୍‌ରୁ ଆସିଥିବା ସଦସ୍ୟମାନେ ୨୪୫ କିମି, Hannover ରୁ ଆସିଥିବା ସଦସ୍ୟମାନେ ୩୦୦ କିମି, Freiburg ରୁ ଆସିଥିବା ସଦସ୍ୟମାନେ ୩୩୦ କିମି, ଏବଂ Chemnitz ଯମାତ୍‌ରୁ ଆସିଥିବା ସଦସ୍ୟମାନେ ୩୪୫ କିମି ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ସେହିପରି Augsburg ରୁ ଆସିଥିବା ସଦସ୍ୟମାନେ ୪୨୦ କିଲୋମିଟର, Hemburg ରୁ ୪୫୦ କିଲୋମିଟର, ମେହେଦୀବାଦ୍‌ରୁ ୪୮୦ କିଲୋମିଟର ଏବଂ Simbach Am inn ରୁ ଆସିଥିବା ସଦସ୍ୟମାନେ ୫୪୦ କିଲୋମିଟର ଲମ୍ବା ରାସ୍ତା ଆତିକ୍ରମ କରି ନିଜ ପ୍ରୀୟ ଆକାଙ୍କ ନେତୃତ୍ୱରେ ଜୁମା ନମାଜ ପଢ଼ିବା ପାଇଁ ଏଠାରେ ଆସି ପହଂଚିଥିଲେ । ପୁଣି ସେତିକି ରାସ୍ତା ଅତିକ୍ରମ କରି ଏମାନେ ସମସ୍ତେ ଲେଉଟି ଗଲେ ମଧ୍ୟ ।

ରେଜିଷ୍ଟ୍ରେସନ ବିଭାଗ ମୁତାବକ ଜୁମା ନମାଜରେ ସାମିଲ ହୋଇଥିବା ପୁରୁଷ ଓ ମହିଳାମାନଙ୍କର ମୋଟ ସଂଖ୍ୟା ୫ହଜାର ୧୭୧ ଥିଲା । ପ୍ରୋଗ୍ରାମ ମୁତାବକ ଦ୍ୱିପ୍ରହର ଦିନ ୧ଟାରେ ହଜୁର ଅନଓ୍ୱର ଅ:ବ:ଅ ବଇତୁସ୍ ସବୁହ୍‌ରୁ ଯାତ୍ରା ଆରମ୍ଭ କଲେ ଏବଂ ପ୍ରାୟ ୪୦ ମିନିଟ ଯାତ୍ରା କରିବା ପରେ ଗେଜେନ୍ ସହରରେ ଥିବା ଫେୟାର ହଲ୍‌ରେ ପଦାର୍ପଣ ହେଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ନିମନ୍ତେ କିଛି ସମୟ ପାଇଁ ଅସ୍ଥାୟୀ ରହଣୀ ନିମନ୍ତେ ଏଠି ଗୋଟିଏ ସ୍ଥାନର ବ୍ୟବସ୍ଥା କରାଯାଇଥିଲା । ଠିକ୍ ୨ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ସେହି ହଲ୍‌ରେ ପଦାର୍ପଣ କରି ଖୁତ୍‌ବା ଜୁମା ପ୍ରଦାନ କଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କର ଏହି ଖୁତ୍‌ବା ଜୁମା ଏମ୍‌ଟିଏ ଇଂଟରନ୍ୟାସନାଲ୍‌ରେ ସିଧାପ୍ରସାରଣ କରାଯାଇ ସାରା ପୃଥିବୀରେ ଦେଖାଗଲା । ଖୁତ୍‌ବା ଜୁମା ପରେ ହଜୁର ଅନଓ୍ୱର ଅ:ବ:ଅ ନମାଜ ଜୁମା ସହିତ ଅସର ନମାଜକୁ ଜମା କରି ପଢ଼ାଇଲେ ।

**ପ୍ରୀୟ ଆକାଙ୍କ ଦର୍ଶନର ଏକ ଝଲକ**

ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ହଲ୍ ଭିତରୁ ବାହାରକୁ ବାହାରୁଥିଲେ ସେତେବେଳେ ହଲ୍‌ରେ ଥିବା ଫାଟକ ନିକଟରେ ଜଣେ ବନ୍ଧୁ ମୋକରମ୍ ନଇମ୍ ଅହେମଦ୍ ଭଟ୍ଟି ସାହେବ୍ ନିଜର ପୁଅ ଅଜିଜମ୍ ଅବ୍‌ଦୁର୍ ରହ୍‌ମାନଙ୍କୁ ନିଜ ସହିତ ଧରି ଛିଡ଼ା ହୋଇଥିଲେ । ତାଙ୍କ ପୁତ୍ରଙ୍କର ହାର୍ଟ ଟ୍ରାନ୍ସପ୍ଲାଂଟ ହେବାର ଥିଲା । ଚିକିତ୍ସା କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ଯନ୍ତ୍ରପାତି ସେହି ପିଲା ସହିତ ଜଡ଼ିତ ଥିଲା ।

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ପିଲାଟିର ନିକଟରେ ଛିଡ଼ା ହୋଇଗଲେ ଓ ତାଙ୍କ ବିଷୟରେ ପଚାରି ବୁଝିଲେ ଓ ଆର୍ଶିବାଦ ଦେଲେ ''ଅଲ୍ଲାଃ ତାଲା କୃପା କରନ୍ତୁ ଏବଂ ଆରୋଗ୍ୟ ପ୍ରଦାନ କରନ୍ତୁ ।'' ପୁଣି ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ କହିଲେ, ଆକୁ ଶିଘ୍ର ହୃଦୟ ଲଗାଇ ଦିଅନ୍ତୁ ।

ତା'ପରେ ପୁଣି ଠିକ୍ ୩:୨୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଏଠାରୁ ବଇତୁସ୍ ସବୁହ୍ ଲେଉଟି ଗଲେ ଏବଂ ୫୦ ମିନିଟର ଯାତ୍ରା ଅତିକ୍ରମ କରିବା ପରେ ଠିକ୍ ୪:୧୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ବଇତୁସ୍ ସବୁହ୍‌ଠାରେ ପହଂଚିଲେ । ପୁଣି ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଫ୍ୟାମିଲି ସାକ୍ଷାତକାର**

ତା'ପରେ ପ୍ରୋଗ୍ରାମ ମୁତାବକ ଠିକ୍ ସନ୍ଧ୍ୟା ୬:୪୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତର ଭିତରକୁ ପ୍ରବେଶ କଲେ ଏବଂ ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସନ୍ଧ୍ୟାର ଏହି ସେସନ୍‌ରେ ୨୫ଟି ଫ୍ୟାମିଲିର ୮୯ ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ଜର୍ମାନୀର ଭିନ୍ନ ଭିନ୍ନ ୨୫ ଗୋଟି ଯମାତରୁ ଆସିଥିଲେ । କେତେକ ଫ୍ୟାମିଲି ବହୁତ ଦୂର ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ହଜ୍‌ରତ୍ ଉସ୍‌ମାନ୍ ର:ଅ କୌଣସି ସାଧାରଣ ବ୍ୟକ୍ତି ନଥିଲେ, ଅତ୍ୟନ୍ତ ଉଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ଚରିତ୍ର ତାଙ୍କଠାରେ ବିଦ୍ୟମାନ ଥିଲା । ସାଂସାରୀକ ଦୃଷ୍ଟିକୋଣରୁ ସେ ବହତୁ ସ୍ୱତନ୍ତ୍ର ଥିଲେ । ଇସ୍‌ଲାମ୍‌ରେ ଆଗକୁ ବଢ଼ିଯାଇଥିଲେ । ହଜ୍‌ରତ୍ ମୁହମ୍ମଦ ସ:ଆ:ସ ତାଙ୍କ ଉପରେ ବହୁତ ପ୍ରସନ୍ନ ଥିଲେ ।**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ଜୁନ୍ ନୁରୈନ୍ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍ ର:ଅଙ୍କ ବିଶେଷ ଗୁଣାବଳୀର ଚର୍ଚ୍ଚା ।**

**ଅଲ୍ଲାଃଙ୍କ ରାଣ ! ଯଦି ତୁମେମାନେ ମତେ ହତ୍ୟା କରିଦିଅ ତେବେ ପୁଣି କେବେବି ତୁମେ ଏକାଠି ନମାଜ ପାଠ କରିପାରିବ ନାହିଁ ଏବଂ କେବେବି ଏକ ହୋଇ ଶତୃଙ୍କ ସହିତ ମୁକାବିଲା କରିପାରିବ ନାହିଁ । ତୁମେ ନିଶ୍ଚିତରୂପେ ଆପୋଷର ମତଭେଦ ପୋଷଣ କରିବ । ଏହିପରି ତୁମେମାନେ ଫସି ରହିବ । (ହଜ୍‌ରତ୍ ଉସ୍‌ମାନ୍)**

**ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ଅନ୍‌ସାରୀ ର:ଅ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଗୋଚରରେ ଉପସ୍ଥିତ ହୋଇ ନିବେଦନ କଲେ ଯେ ଅନ୍‌ସାରୀମାନେ ଦରଜା ନିକଟରେ ଉପସ୍ଥିତ ହୋଇ କହୁଛନ୍ତି ଯେ, ଯଦି ଆପଣ ପସନ୍ଦ କରିବେ, ତେବ ଆମେ ଦ୍ୱିତୀୟଥର ଅଲ୍ଲାଃଙ୍କ ଅନ୍‌ସାର ଅର୍ଥାତ ସାହାଯ୍ୟକାରୀ ହେବାକୁ ପ୍ରସ୍ତୁତ ଅଛୁ । ଏଥିରେ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ନା କେବେ ବି ଯୁଦ୍ଧ କରନାହିଁ ।**

**ଚାରିଜଣ ମର୍‌ହୁମୀନ୍ ମୋକରମ୍ ମୌଲବୀ ମୁହମ୍ମଦ୍ ଇଦ୍‌ରିସ୍ ତିରୁ ସାହେବ୍ ମୁବଲ୍ଲିଗ୍ ସିଲ୍‌ସିଲା ଆଇଭରିକୋଷ୍ଟ, ମୋକରମା ଅମିନା ନାଏଗା କାଏରେ ସାହେବା ପତ୍ନୀ ମୋକରମ୍ ମୁହମ୍ମଦ ଅଲି କାଏରେ ସାହେବ ଅମୀର୍ ଏବଂ ମିଶ୍‌ନାରୀ ଇନ୍‌ଚାର୍ଜ ୟୁଗାଣ୍ଡା, ମୋକରମ୍ ଲୁଓ୍ୱି କଜକ୍ ସାହେବ୍ ଅଫ୍ ସିରିୟା ଏବଂ ମୋକରମା ଫର୍‌ହତ୍ ନସିମ୍ ସାହିବା ରବୱ୍ହା ପତ୍ନୀ ମୋକରମ୍ ମୁହମ୍ମଦ ଇବ୍ରାହିମ୍ ସାହେବ୍ ହନିଫ୍ ସାରିଚୋରୀଙ୍କ ଉତମ ଗୁଣାବଳୀର ବର୍ଣ୍ଣନା ଓ ନମାଜ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୧୨ ମାର୍ଚ୍ଚ ୨୦୨୧ ଅନୁଯାୟୀ ୧୨ ଅମାନ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ଚର୍ଚ୍ଚା ଅଭ୍ୟାହତ ରହିଅଛି । ଯେତେବେଳେ ଉପଦ୍ରବ ଓ ବିଦ୍ରୋହ ଚରମସୀମାରେ ପହଂଚିଥିଲା ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ପ୍ରାୟ ନିଜ ମୃତ୍ୟୁର ଏକବର୍ଷ ପୂର୍ବେ ହଜ୍ କରିଥିଲେ । ସେ ଯାହା ହେଉ ନା କାହିଁକି ତାଙ୍କର ଯେଉଁ ଶେଷ ହଜ୍‌ଥିଲା, ସେତେବେଳେ ବିଭ୍ରାଟକାରୀମାନେ ମୁଣ୍ଡ ଟେକିବା ଆରମ୍ଭ କରିଥିଲେ ଓ ହଜ୍‌ରତ୍ ଅମୀର ମୁଆୱ୍ୱିୟା ଉକ୍ତ ଉପଦ୍ରବକୁ ମର୍ମେ ମର୍ମେ ଅନୁଭବ କରିଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେ, ହଜ୍‌ରତ୍ ଉସ୍‌ମାନ ର:ଅ ହଜ୍‌ରୁ ଫେରିବା ସମୟରେ ହଜ୍‌ରତ୍ ଅମୀର ମୁଆୱ୍ୱିୟା ମଧ୍ୟ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସହିତ ମଦିନା ଆସିଥିଲେ । ଅତଏବ ହଜ୍‌ରତ୍ ଅମୀର ମୁଆୱ୍ୱିୟା ଯେତେବେଳେ କିଛିଦିନ ମଦିନାରେ ରହିବା ପରେ ଫେରିଯିବାକୁ ଲାଗିଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଏକାନ୍ତରେ ଭେଟିଲେ ଏବଂ ଅନୁରୋଧ କଲେ ଯେ, ଉକ୍ତ ଉପଦ୍ରବଟି କ୍ରମାଗତ ଭାବରେ ବୃଦ୍ଧି ପାଉଅଛି । ତେଣୁ ଆପଣ ଯଦି ମୋତେ ଅନୁମତି ପ୍ରଦାନ କରନ୍ତି ତାହାହେଲେ ମୁଁ ଏହି ଉପଦ୍ରବ ସଂପର୍କରେ କୌଣସି ପଦକ୍ଷେପ ଗ୍ରହଣ କରିବି । ହଜ୍‌ରତ୍ ଉସ୍‌ମାନ୍ ର:ଅ ହଜ୍‌ରତ୍ ଅମୀର ମୁଆୱ୍ୱିୟାଙ୍କୁ କହିଲେ, ହଁ କୁହନ୍ତୁ! ପ୍ରତ୍ୟୁତରରେ ହଜ୍‌ରତ୍ ଅମୀର ମୁଆୱ୍ୱିୟା କହିଲେ ମୋର ଆପଣଙ୍କୁ ପରାମର୍ଶ ଯେ, ଆପଣ ମୋ ସହିତ ସିରୀୟା ଚାଲନ୍ତୁ । କାରଣ ସିରୀୟାରେ ପ୍ରତ୍ୟେକ ଦୃଷ୍ଟିରୁ ଶାନ୍ତି ରହିଛି ଏବଂ ସେଠାରେ କୌଣସି ପ୍ରକାରର ଉପଦ୍ରବ ନାହିଁ । ଏପରି ନ ହେଉ କି ଅଚାନକ କୌଣସି ପ୍ରକାର ବିଭ୍ରାଟ ସୃଷ୍ଟି ହୋଇଯିବ ଓ ସେତେବେଳେ କୌଣସି ବ୍ୟବସ୍ଥା ହୋଇପାରୁ ନଥିବ । ହଜ୍‌ରତ୍ ଉସ୍‌ମାନ୍ ର:ଅ ତାଙ୍କୁ ଉତର ଦେଲେ ଯେ, ମୋ ଶରୀର ଖଣ୍ଡ ବିଖଣ୍ଡିତ ହୋଇଯାଉ ପଛେ, ମୁଁ ରସୁଲ୍ କରିମ୍ ସ:ଆ:ସଙ୍କ ପ୍ରତିବେଶୀତ୍ୱକୁ କୌଣସି ମତେ ଛାଡ଼ି ଯାଇ ପାରିବିନାହିଁ । ହଜ୍‌ରତ୍ ଅମୀର ମୁଆୱ୍ୱିୟା କହିଲେ, ମୋର ଆପଣଙ୍କୁ ଦ୍ୱିତୀୟ ପରାମର୍ଶ ଏହିକି ଯେ ଆପଣ ମତେ ଏହି ଅନୁମତି ପ୍ରଦାନ କରନ୍ତୁ ଯେ, ମୁଁ ଆପଣଙ୍କ ସୁରକ୍ଷା ଲାଗି ଏକ ସିରୀୟା ସୈନ୍ୟଦଳ ପ୍ରେରଣ କରିଦେବି । ଏହି ସୈନ୍ୟଦଳର ଉପସ୍ଥିତିରେ କୌଣସି ଉପଦ୍ରବକାରୀ ଦୁଷ୍ଟତା ପ୍ରଦର୍ଶନ କରିପାରିବନାହିଁ । ହଜ୍‌ରତ୍ ଉସ୍‌ମାନ୍ ର:ଅ ଉତର ଦେଲେ ଯେ, ନା ମୁଁ ବୈତୁଲ୍ ମାଲ୍ (ଅର୍ଥ ବିଭାଗ) ଉପରେ ବୋଝ ଲଦି ଦେଇପାରିବି ନାହିଁ ଓ ନା ମୁଁ ଏହାକୁ ଉଚିତ ମନେ କରୁଛି ଯେ, ମଦିନାରେ ସୈନ୍ୟଦଳ ରଖି ମଦିନାବାସୀଙ୍କୁ ଅଭାବ ଅସୁବିଧାରେ ପକାଇବି । ପ୍ରତ୍ୟୁତରରେ ହଜ୍‌ରତ୍ ଅମୀର ମୁଆୱ୍ୱିୟା କହିଲେ, ତାହାହେଲେ ମୋର ଆପଣଙ୍କୁ ତୃତୀୟ ପରାମର୍ଶ ହେଉଛି ଏହା କି, ଯଦି ସାହାବାମାନଙ୍କ ଉପସ୍ଥିତିରେ ଲୋକମାନଙ୍କର ଏହି ସାହାସ ଅଛି ଯେ ସେମାନେ ଆପଣଙ୍କ ଅନୁପସ୍ଥିତିରେ ସେମାନଙ୍କ ମଧ୍ୟରୁ କାହାକୁ ଛିଡ଼ା କରିଦେବେ ତାହେଲେ ଆପଣଙ୍କୁ ଅନୁରୋଧ ଯେ, ଆପଣ ଏହି ସାହାବାମାନଙ୍କୁ ବିଭିନ୍ନ ଦେଶକୁ ପ୍ରେରଣ କରିଦିଅନ୍ତୁ । ହଜ୍‌ରତ୍ ଉସ୍‌ମାନ୍ ର:ଅ ଉତର ଦେଲେ ଯେ, ଏହା କିପରି ସମ୍ଭବ ଯେ, ଯେଉଁ ଲୋକମାନଙ୍କୁ ଆଁ ହଜ୍‌ରତ୍ ସ:ଆ:ସ ଏକତ୍ରିତ କରିଛନ୍ତି, ମୁଁ ସେମାନଙ୍କୁ ବିକ୍ଷିପ୍ତ କରି ଅନ୍ୟ ଦେଶକୁ ପ୍ରେରଣ କରିଦେବି । ପ୍ରତ୍ୟୁତରରେ ହଜ୍‌ରତ୍ ଅମୀର ମୁଆୱ୍ୱିୟା କାନ୍ଦି ପକାଇଲେ ଏବଂ କହିଥିଲେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ମୁଁ ଆପଣଙ୍କ ସୁରକ୍ଷା ଲାଗି ଆପଣଙ୍କ ଆଗରେ ଉପଦ୍ରବଗୁଡ଼ିକୁ ଦୁରିଭୂତ କରିବାପାଇଁ ଯେଉଁ ସବୁ ପରାମର୍ଶ ଉପସ୍ଥାପିତ କରିଛି ଯଦି ଆପଣ ତାହାକୁ ସ୍ୱୀକାର କରୁନାହାନ୍ତି ତାହେଲେ ଅନ୍ତତଃ ଏହି କୃପା କରିଦିଅନ୍ତୁ ଯେ, ଆପଣ ଲୋକଙ୍କ ମଧ୍ୟରେ ଏହି ଘୋଷଣା କରିଦିଅନ୍ତୁ ଯେ, ଯଦି ମୋ (ଅର୍ଥାତ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର) ଜୀବନକୁ କୌଣସି ହାନୀ ପହଂଚେ ତାହାହେଲେ ହଜ୍‌ରତ୍ ଅମୀର ମୁଆୱ୍ୱିୟାଙ୍କୁ ପ୍ରତିଶୋଧ ନେବାର ସଂପୂର୍ଣ୍ଣ ଅଧିକାର ରହିବ । ହୋଇପାରେ ଏହି ଉପଦ୍ରବୀମାନେ ଉକ୍ତ ଘୋଷଣା ଦ୍ୱାରା ଭୟଭୀତ ହୋଇଯିବେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ଉତର ଦେଲେ ହେ, ଅମୀର ମୁଆୱ୍ୱିୟା ! ଛାଡ଼ ଯାହା ଘଟିବାର ଥିବ ଅବସ୍ୟ ଘଟିଯିବ । ମୁଁ ଏପରି କରିପାରିବି ନାହିଁ କାରଣ ଆପଣଙ୍କର ସ୍ୱଭାବ ପ୍ରାୟତଃ କଠୋର ସ୍ୱଭାବ ଅଟେ କିନ୍ତୁ ମୋର ସ୍ୱଭାବ ତାହା ନୁହେଁ । ଅତଏବ ଏପରି ନହେଉ ଯେ, ଆପଣ ମୁସଲମାନମାନଙ୍କ ପ୍ରତି କଠୋରତା ପ୍ରଦର୍ଶନ କରିବେ । ପ୍ରତ୍ୟୁତରରେ ହଜ୍‌ରତ୍ ଅମୀର ମୁଆୱ୍ୱିୟା ର:ଅ ରୋଦନ ଅବସ୍ଥାରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ନିକଟରୁ ଉଠିଲେ ଏବଂ କହିଲେ ମୁଁ ଭାବୁଛି ଯେ ବୋଧହୁଏ ଏହା ଆମର ଶେଷ ସାକ୍ଷାତ ଏବଂ ବାହାରକୁ ବାହାରି ହଜ୍‌ରତ୍ ଅମୀର ମୁଆୱ୍ୱିୟା କହିଲେ ହେ ସାହାବାମାନେ ! ବର୍ତମାନ ଇସ୍‌ଲାମ୍ ସଂପୁର୍ଣ୍ଣରୂପେ ଆପଣମାନଙ୍କ ଉପରେ ହିଁ ନିର୍ଭରଶୀଳ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅ ଦୁର୍ବଳ ହୋଇ ଯାଇଛନ୍ତି, ଉପଦ୍ରବ କ୍ରମଶଃ ବଢ଼ିବାକୁ ଲାଗିଛି ତେଣୁ ଆପଣମାନେ ତାଙ୍କର ଯତ୍ନ ନେବେ ଏବଂ ତାଙ୍କୁ ସୁରକ୍ଷା ପ୍ରଦାନ କରିବେ । ହଜ୍‌ରତ୍ ଅମୀର ମୁଆୱ୍ୱିୟା ଏହା କହି ସିରୀୟା ଆଡ଼କୁ ପ୍ରସ୍ଥାନ କରିଗଲେ । ***(ଇସ୍‌ଲାମ୍ ମେଁ ଇଖ୍‌ତିଲାଫାତ୍ କା ଆଗାଜ୍, ଅନ୍‌ୱ୍ୱାରୁଲ୍ ଉଲୁମ୍ ଖଣ୍ଡ-୪, ପୃ-୨୮୫-୨୮୬)***

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଯେଉଁ ଦୃଢ଼ ମନୋବଳ ରହିଥିଲା ସେ ସକ୍ରାନ୍ତରେ ମୁଜାହିଦ୍ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ନିଜ ଘରର ଘେରାଉ କରୁଥିବା ବିଦ୍ରୋହୀମାନଙ୍କୁ ଉଣ୍ଡି କହିଲେ, ହେ ମୋର ସଂପ୍ରଦାୟ! ମତେ ହତ୍ୟା କରନାହିଁ କାରଣ ମୁଁ ତୁମମାନଙ୍କର ଶାସକ ଓ ତୁମ୍ଭର ମୁସଲମାନ ଭାଇ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ଯଥା ସମ୍ଭବ ସର୍ବଦା ମୋ ସାମର୍ଥ୍ୟ ଅନୁସାରେ ଇସ୍‌ଲାହ୍ କରିବା ପାଇଁ ଚେଷ୍ଟା କରିଛି । ମୋର ଆଭିମୂଖ୍ୟ ଠିକ୍ ଥିଲା ବା ମୋ ଦ୍ୱାରା କୌଣସି ଭୁଲ୍ ହୋଇଥାଇପାରେ । ଏହା ସତ୍ୱେ ମଧ୍ୟ

ଆପଣମାନଙ୍କର ସୁଧାର କରିବାପାଇଁ ଯଥାସାଧ୍ୟ ଉଦ୍ୟମ ରହିଛି ଅତଏବ ମନେରଖ ଯଦି ତୁମେମାନେ ମତେ ହତ୍ୟା କର ତାହେଲେ ତୁମେମାନେ ନା କେବେ ଏକତ୍ରିତ ହୋଇ ନମାଜ ପଢ଼ିପାରିବ, ନା ଏକତ୍ରିତ ହୋଇ ଜିହାଦ୍ କରିପାରିବ ଓ ନା ହିଁ ମାଲେ ଗନିମତ୍‌ରୁ ତୁମମାନଙ୍କୁ ଉଚିତ ଭାଗ ପ୍ରାପ୍ତ ହୋଇପାରିବ । ବର୍ଣ୍ଣନାକାରୀ କୁହନ୍ତି ଯେ, ଯେତେବେଳେ ଘେରାଉ କରିଥିବା ଉପଦ୍ରବୀମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ କଥାକୁ ପ୍ରତ୍ୟାଖ୍ୟାନ କଲେ, ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ରାଣ ଦେଇ ପଚାରୁଛି । ଯେତେବେଳେ ତୁମେମାନେ ଅମୀରୁଲ୍ ମୁମିନୀନ୍ ହଜ୍‌ରତ୍ ଉମର୍ ର:ଅଙ୍କ ବିୟୋଗ ସମୟରେ ଏକତ୍ରିତ ଥିଲ ଏବଂ ଧର୍ମ ତଥା ସତ୍ୟ ଉପରେ ଥିଲ ସେତେବେଳେ ତୁମେମାନେ କଣ ଏହି ପ୍ରାର୍ଥନା କରିନଥିଲ ଯେ, ଖଲିଫାଙ୍କର ଛତ୍ରଛାୟା ତଥା ଆର୍ଶିବାଦ ଆମ ମୁଣ୍ଡ ଉପରେ ସଦା ସର୍ବଦା ରହୁ । ପୁନଶ୍ଚ ଆଜି ତୁମେମାନେ ଏହା କରିବାକୁ ଚାହୁଁଛ ଯେ, ଅଲ୍ଲାଃ ତାଲା ତୁମମାନଙ୍କର ପ୍ରାର୍ଥନା ଶୁଣିଲେ ନାହିଁ, କିମ୍ବା ତୁମେମାନେ ଏହା କହିବାକୁ ଚାହୁଁଛ ଯେ, ଅଲ୍ଲାଃ ତାଲାଙ୍କୁ ବର୍ତମାନ ଧର୍ମର ଆଉ ଆବଶ୍ୟକତା ନାହିଁ । ତୁମମାନଙ୍କର କହିବାର ଯଥାର୍ଥ ଯେ ମୁଁ ଖିଲାଫତ୍ ମୁସଲମାନମାନଙ୍କର ପରାମର୍ଶ ମାଧ୍ୟମରେ ନୁହେଁ ବରଂ ବଳପୂର୍ବକ କିମ୍ବା ତରବାରୀ ମୂନରେ ହରଣ କରିନେଇଛି । ପୁନଶ୍ଚ ତୁମେମାନେ କଣ ଏହା ଭାବୁଛ ଯେ, ଅଲ୍ଲାଃ ତାଲା ମୋ ଖିଲାଫତ୍‌ର ପ୍ରାରମ୍ଭିକ କାଳରେ ମୋ ଖିଲାଫତ୍ ବିଷୟରେ ଏକଥା ଜାଣି ନଥିଲେ ଯେ, ମୋ ଖିଲାଫତ୍‌ରେ ଉପଦ୍ରବ ତଥା ବିଦ୍ରୋହର ସୂତ୍ରପାତ ହେବ । କିନ୍ତୁ ମୁଁ ଖଲିଫା ହେବାପରେ ନୌଜୁବିଲ୍ଲାଃ ଅଲ୍ଲାଃ ତାଲାଙ୍କୁ ଏହି ଉପଦ୍ରବ ଏବଂ ବିଦ୍ରୋହ ସମ୍ପର୍କରେ ଜ୍ଞାତ ହେଲା । ଏହା କେବେ ହୋଇ ନ ପାରେ, ଅଲ୍ଲାଃ ତାଲା ସବୁ ଜାଣିଛନ୍ତି ବରଂ ଅଲ୍ଲାଃ ତାଲା ତ ସର୍ବଜ୍ଞ, ଅର୍ନ୍ତଯାମି ଏବଂ ତ୍ରିକାଳଦର୍ଶୀ ଅଟନ୍ତି । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଏହି କଥାକୁ ଶୁଣି ଯେତେବେଳେ ଉପଦ୍ରବୀ ଓ ବିଦ୍ରୋହୀମାନେ ଏହାକୁ ସ୍ୱୀକାର କଲେନାହିଁ ବରଂ ପ୍ରତ୍ୟାଖ୍ୟାନ କଲେ, ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଏହି ପ୍ରାର୍ଥନା କଲେ ଯେ, ହେ ମୋର ଈଶ୍ୱର ! ତୁମେ ଏହି ଉପଦ୍ରବୀ ଓ ବିଦ୍ରୋହୀମାନଙ୍କୁ ଭଲ ଭାବରେ ଜାଣିରଖ ଏବଂ ଗଣି ରଖ । ଏମାନଙ୍କୁ ବାଛି ବାଛି କରି ମାରିବ ଏବଂ ଏମାନଙ୍କ ମଧ୍ୟରୁ କାହାରିକୁ ବି ଜୀବିତ ଛାଡ଼ିବନାହିଁ । ମୁଜାହିଦ୍ କୁହନ୍ତି ଯେ, ଉକ୍ତ ଉପଦ୍ରବରେ ଯେଉଁମାନେ ଅଂଶଗ୍ରହଣ କରିଥିଲେ, ସେହି ସମସ୍ତ ଉପଦ୍ରବୀ ଏବଂ ବିଦ୍ରୋହୀମାନଙ୍କୁ ଅଲ୍ଲାଃ ତାଲା ସଂହାର କରିଥିଲେ ।

***(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ......ଖଣ୍ଡ-୩, ପୃ-୩୮.... ବେରୁତ ୧୯୯୬)***

ଅବୁ ଲୈଲା କିନ୍ଦି ବର୍ଣ୍ଣନା କରନ୍ତି ଯେ, ମୁଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଗୃହବନ୍ଦୀ ଥିବା ଅବସ୍ଥାରେ ଦେଖିଥିଲି । ହଜ୍‌ରତ୍ ଉସ୍‌ମାନ୍ ର:ଅ ଏକ କୋଠରୀର ଛାତ ଝରକାରୁ ଉଣ୍ଡି କହିଥିଲେ, ହେ ଲୋକମାନେ ! ତୁମେମାନେ ମୋତେ ମାରନା ଏବଂ ଯଦି ମୋର କୌଣସି ଦୋଷ ରହିଛି ତାହେଲେ ମତେ ତୌବାଃ (ଅନୁତାପ) କରିବାର ସୁଯୋଗ ଦିଅ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି, ଯଦି ତୁମେମାନେ ମତେ ହତ୍ୟା କରିଦେଲ ତାହେଲେ ତୁମେମାନେ କଦାପି ଏକତ୍ର ହୋଇ ନମାଜ ପଢ଼ିପାରିବନାହିଁ । ଏକତ୍ରିତ ହୋଇ ଶତ୍ରୁପକ୍ଷର ମୁକାବିଲା କରିପାରିବନାହିଁ ଏବଂ ତୁମେମାନେ ପରସ୍ପର ମଧ୍ୟରେ ଅବଶ୍ୟ ମତପାର୍ଥକ୍ୟ କରିବ ଏବଂ ତୁମେମାନେ ପରସ୍ପର ମଧ୍ୟରେ ଏହିଭଳି କଳହରେ ଲିପ୍ତ ରହିବ । ବର୍ଣ୍ଣନାକାରୀ କୁହନ୍ତି ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ଏ କଥା କହିବା ବେଳେ ନିଜ ହାତ ଆଙ୍ଗୁଳି ମଧ୍ୟରେ ଅନ୍ୟ ହାତର ଆଙ୍ଗୁଳିଗୁଡ଼ିକୁ ଛନ୍ଦି କହୁଥିଲେ । ପୁନଶ୍ଚ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ: **ୱ ୟା କୌମି ଲା ୟଜ୍‌ରିମନ୍‌କୁମ୍ ଶିକାକି କୌମା ନୁହିନ୍ ଅଓ କୌମା ହୁଦିନ୍ ଅଓ କୌମା ସ୍ୱାଲେହି ୱ ମା କୌମୁ ଲୁତିମ୍ ମିନ୍‌କୁମ୍ ବିବଇଦ୍ (ହୁଦ:୯୦)**ଏବଂ ହେ ଆମର ସଂପ୍ରଦାୟ ଆମପ୍ରତି ଶତୃତା ତୁମମାନଙ୍କୁ ଏପରି ବିଷୟରେ ପ୍ରରୋଚିତ ନ କରୁ ଯେ, ତୁମେମାନେ ସେହିପରି ବିପଦରେ ପଡ଼ି ଯେପରି ନୂହ୍‌ଙ୍କ ସମ୍ପ୍ରଦାୟ, ହୁଦ୍‌ଙ୍କ ସମ୍ପ୍ରଦାୟ, ସ୍ୱାଲେହ୍‌ଙ୍କ ସମ୍ପ୍ରଦାୟ ବିପଦରେ ପଡ଼ିଥିଲେ ଏବଂ ଲୁତ୍‌ଙ୍କ ସମ୍ପ୍ରଦାୟ ତୁମମାନଙ୍କଠାରୁ ବେଶି କିଛି ଦୂରବର୍ତୀ ନୁହନ୍ତି ।

ହଜ୍‌ରତ୍ ଉସ୍‌ମାନ୍ ର:ଅ ଅବ୍‌ଦୁଲ୍ଲାଃ ବିନ୍ ସଲାମ୍‌ଙ୍କ ଆଡ଼କୁ ସନ୍ଦେଶ ପ୍ରେରଣ କଲେ । ସେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଆସି କହିଲେ, ଯେ ଏ ସବୁ ଯାହା କିଛି ହେଉଛି ଏ ସଂକ୍ରାନ୍ତରେ ଆପଣଙ୍କର କଣ ମତାମତ ରହିଛି ? ପ୍ରତ୍ୟୁତରରେ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, ଯୁଦ୍ଧରୁ ବର୍ତିବାକୁ ଚେଷ୍ଟାକର, ଯୁଦ୍ଧ କରିବାକୁ ବଂଚ କାରଣ ଏ ତୁମମାନଙ୍କ ପକ୍ଷରେ ବଳିଷ୍ଠ ପ୍ରମାଣ ସାବ୍ୟସ୍ତ ହେବ ।

***(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ .....ଖଣ୍ଡ-୩, ପୃ-୩୯..... ବେରୁତ ୧୯୯୬)***

ମୁହମ୍ମଦ ବିନ୍ ସିରିନ୍ ବର୍ଣ୍ଣନା କରିଛନ୍ତି ଯେ, ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ଅନ୍‌ସାରୀ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ ଯେ, ଏହି ଅନ୍‌ସାରବାସୀମାନେ ଦ୍ୱାର ସମ୍ମୁଖରେ ଉପସ୍ଥିତ ଅଛନ୍ତି ଏବଂ କହୁଛନ୍ତି ଯେ ଯଦି ଆପଣ ଏହା ପସନ୍ଦ କରିବେ ତାହେଲେ ଆମେମାନେ ଦ୍ୱିତୀୟ ଥର ପାଇଁ ଅନ୍‌ସାର (ଅର୍ଥାତ ସାହାଯ୍ୟକାରୀ) ହେବାକୁ ପ୍ରସ୍ତୁତ ଅଛୁ । ପ୍ରତ୍ୟୁତରରେ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, ନାଁ ତୁମେମାନେ କଦାପି ଯୁଦ୍ଧ କରିବନାହିଁ । ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରନ୍ତି ଯେ, ୟୌମୁଦ୍ ଦାରଦିନ ମୁଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲି, ହେ ଅମିରୁଲ୍ ମୁମିନିନ୍ ବର୍ତମାନ ତ ତରବାରୀ ଉତଳନ କରିବା ହିଁ ଉଚିତ ବୋଲି ଜଣାପଡୁଛି ଅର୍ଥାତ ଯୁଦ୍ଧ କରିବାର ସମୟ ଆସିଯାଇଛି । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, ହେ ଅବୁ ହୁରେରା ! କଣ ତୁମେ ଏହା ପସନ୍ଦ କରିବ ଯେ ତୁମେ ମତେ ଏବଂ ସମସ୍ତ ଲୋକଙ୍କୁ ହତ୍ୟା କରିଦେବ ? ଏଥିରେ ହଜ୍‌ରତ୍ ଅବୁ ହୁରେରାଃ ର:ଅ କହିଲେ ନା' । ପୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ଅଲ୍ଲାଃଙ୍କ ରାଣ ! ଯଦି ତୁମେ ଜଣେ ଲୋକକୁ ମଧ୍ୟ ହତ୍ୟା କର ତେବେ ତୁମେ ଜାଣ ଯେ ସବୁ ଲୋକଙ୍କୁ ହତ୍ୟା କରିଦେଲ । ହଜ୍‌ରତ୍ ଅବୁ ହୁରେରାଃ ର:ଅ କୁହନ୍ତି ଯେ, ମୁଁ ପୁଣି ଫେରି ଆସିଲି ଏବଂ ଉକ୍ତ ଯୁଦ୍ଧରେ ଅଂଶଗ୍ରହଣ କଲିନାହିଁ । ହଜ୍‌ରତ୍ ଅବୁ ହୁରେରାଃଙ୍କ ସମ୍ପର୍କରେ ପୂର୍ବେ ଏହି ଆଲୋଚନା ହୋଇସାରିଛି ଯେ, ସେ ପୂର୍ବେ କହିଥିଲେ ଯେ ଆଜିର ଦିନ ହିଁ ହେଉଛି ଯୁଦ୍ଧ କରିବାର ଅବସର ରହିଛି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର:ଅ ବୟାନ କରିଲେ ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ଘରର ଘେରାଉ ଦିନ ମୁଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ କହିଥିଲି ଯେ, ଅମୀରୁଲ୍ ମୁମିନିନ୍ ଆପଣ ଏହି ଉପଦ୍ରବୀ ବିଦ୍ରୋହୀଙ୍କ ସହିତ ଯୁଦ୍ଧ କରନ୍ତୁ । କାରଣ ଏହି ବିଦ୍ରୋହୀଙ୍କ ସହିତ ଯୁଦ୍ଧ କରିବାକୁ ଅଲ୍ଲାଃ ତାଲା ଉଚିତ ବୋଲି ବିବେଚିତ କରିଛନ୍ତି । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି, ମୁଁ କଦାପି ଯୁଦ୍ଧ କରିବିନାହିଁ ।

ଅତଏବ ବର୍ଣ୍ଣନାକାରୀ କୁହନ୍ତି ସେହି ଲୋକମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଘର ନିକଟରେ ଥିବା କୋଠରୀ ମଧ୍ୟରେ ପଶିଗଲେ । ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ରୋଜା ରଖିଥିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର:ଅଙ୍କୁ ଦ୍ୱାରପାଳ ଭାବରେ ନିଯୁକ୍ତ କରିଥିଲେ ଏବଂ କହିଥିଲେ ଯିଏ ମୋର ଆଜ୍ଞାପାଳନ କରିବାକୁ ଇଚ୍ଛୁକ ସେ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ଆଜ୍ଞାର ପାଳନ କରନ୍ତୁ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର:ଅ କୁହନ୍ତି ଯେ ମୁଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲି ଯେ, ହେ ଅମୀରୁଲ୍ ମୁମିନିନ୍ ! ନିଃସନ୍ଦେହ ଆପଣଙ୍କ ସୁରକ୍ଷା ପାଇଁ ଏକ ଗୋଷ୍ଠୀ ସର୍ବଦା ତତ୍ପର ତଥା ପ୍ରତିଶ୍ରୁତିବଦ୍ଧ ରହିଛି । ଯଦିଓ ଏହି ଗୋଷ୍ଠୀ ଘେରାଉ କରିଥିବା ବିଦ୍ରୋହୀଙ୍କ ତୁଳନା ସଂଖ୍ୟାରେ ସ୍ୱଳ୍ପ ଜଣାପଡୁଛନ୍ତି କିନ୍ତୁ ଉକ୍ତ ଗୋଷ୍ଠୀକୁ ଅଲ୍ଲାଃ ତାଲାଙ୍କର ସମର୍ଥନ ପ୍ରାପ୍ତ ରହିଛି । ଅତଏବ ଆପଣ ମତେ ବିଦ୍ରୋହୀମାନଙ୍କ ସହିତ ଯୁଦ୍ଧ କରିବାପାଇଁ ଅନୁମତି ପ୍ରଦାନ କରନ୍ତୁ । ପ୍ରତ୍ୟୁତରରେ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, ମୁଁ ତୁମମାନଙ୍କୁ ଈଶ୍ୱରଙ୍କ ରାଣ ଦେଇ ଏବଂ ଦୃଢ଼ି ପୂର୍ବକ ଉପଦେଶ ଦେଉଅଛି ଯେ, ମୋ ପାଇଁ କୌଣସି ବ୍ୟକ୍ତି ନିଜର ରକ୍ତ କ୍ଷରିତ ନ କରୁ ଅଥବା ମୋ ପାଇଁ କେହି କାହାର ରକ୍ତପାତ ନ କରୁ । ***(ତବକାତୁଲ୍ କୁବ୍‌ରା......ଖଣ୍ଡ-୩, ପୃ-୩୯..... ବେରୁତ ୧୯୯୬)***

ଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଶାହାଦତ୍ ପୂର୍ବର ଉପଦ୍ରବ ଏବଂ ଶାହାଦତ୍‌ର ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେ, ଯଦିଓ ବିଦ୍ରୋହୀମାନଙ୍କୁ ପ୍ରକାଶ୍ୟ ରୂପେ ବିଜୟପ୍ରାପ୍ତ ହୋଇସାରିଥିଲା କିନ୍ତୁ ସେମାନେ ଆଳପୂର୍ବକୁ ଆଉ ଏକ ବ୍ୟକ୍ତିକୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ନିକଟକୁ ପ୍ରେରଣ କଲେ । ସେମାନେ ଉକ୍ତ ବ୍ୟକ୍ତିଙ୍କୁ କହିଥିଲେ ଯେ, ସେ ଯାଇ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ କହୁ ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ନିଜ ଖିଲାଫତ୍ ପଦବୀରୁ ଇସ୍ତଫା ଦେଇଦିଅନ୍ତୁ । କାରଣ ସେମାନେ ଭାବୁଥିଲେ ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ଯଦି ସ୍ୱୟଂ ଇସ୍ତଫା ଦିଅନ୍ତି ତାହେଲେ ବିଦ୍ରୋହୀମାନଙ୍କ ନିକଟରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଶାସ୍ତି ଦେବାର କୌଣସି ସୁଯୋଗ ନଥିବ । ଅର୍ଥାତ ବିଦ୍ରୋହୀମାନଙ୍କୁ ଦଣ୍ଡିତ କରିବାପାଇଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଆଉ କୌଣସି ସୁଯୋଗ ମିଳିବନାହିଁ । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ନିକଟରେ ଯେଉଁ ଦୂତ ପହଂଚିଥିଲା ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଉକ୍ତ ଦୂତକୁ ଉତର ଦେଇଥିଲେ ଯେ, ମୁଁ ଜାହିଲିୟତ୍ ଯୁଗରେ ଅର୍ଥାତ ଅଶିକ୍ଷିତ କାଳରେ ମଧ୍ୟ ଅସତ କର୍ମରୁ ଦୁରେଇ ରହିଥିଲି ଏବଂ ଇସ୍‌ଲାମ୍‌ରେ ମଧ୍ୟ ଇସ୍‌ଲାମ୍‌ର ଆଦେଶର ଉଲ୍ଲଙ୍ଘନ କରିନାହିଁ । ତାହେଲେ ମୁଁ କଣ ପାଇଁ ଓ କେଉଁ ଅପରାଧ ଯୋଗୁଁ ଉକ୍ତ ପଦବୀକୁ ପରିତ୍ୟାଗ କରିଦେବି । ଯେଉଁ ପଦବୀ ବା ବସ୍ତ୍ରକୁ ଅଲ୍ଲାଃ ତାଲା ମତେ ପିନ୍ଧାଇଛନ୍ତି ? ଅଲ୍ଲାଃ ମତେ ଯେଉଁ ଖିଲାଫତ୍ ଆସନରେ ଅଭିଷକ୍ତ କରିଛନ୍ତି ମୁଁ ସେହି ବସ୍ତ୍ରକୁ କଦାପି ଓହ୍ଲାଇ ପାରିବିନାହିଁ । ସେହି ବ୍ୟକ୍ତି ହିଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଉକ୍ତ ଉତରକୁ ଶୁଣି ଫେରିଆସିଲା ଏବଂ ନିଜର ସାଥିମାନଙ୍କୁ ଏହି ଶବ୍ଦରେ ଆସି ସମ୍ବୋଧିତ କଲା ଯେ, ସାଙ୍ଗମାନେ ଆମେମାନେ ଗୋଟିଏ ବଡ଼ ବିପଦରେ ଫସିଯାଇଛେ, ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ଯେ ଆମେମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ହତ୍ୟା କରିବା ବ୍ୟତିତ ମୁସଲମାନମାନଙ୍କର ହାତମୁଠାରୁ ବର୍ତି ପାରିବାନାହିଁ କାରଣ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ହତ୍ୟା କରିବା ଫଳରେ ସମଗ୍ର ଶାସନ ବ୍ୟବସ୍ଥା ଭୁଷୁଡ଼ି ପଡ଼ିବ ଏବଂ କେହି ପଚାରିଲାବାଲା ନଥିବେ । କିନ୍ତୁ ତାଙ୍କୁ ହତ୍ୟା କରିବା କୌଣସି ପ୍ରକାର ଉଚିତ ନୁହେଁ । ଅତଏବ ଉକ୍ତ ବ୍ୟକ୍ତିର ଏହି ବାକ୍ୟ ନା କେବଳ ସେହି ଉପଦ୍ରବୀ ବିଦ୍ରୋହୀମାନଙ୍କ ମନରେ ଭୟ ସଂଚାର କରିଥିଲା ଏବଂ ଏହା ମଧ୍ୟ ପ୍ରମାଣିତ ହେଉଛି ଯେ ସେ ପର୍ଯ୍ୟନ୍ତ ହଜ୍‌ରତ୍ ଉସ୍‌ମାନ୍ ର:ଅ ଏପରି କୌଣସି କଥା ବା ବାକ୍ୟର ପ୍ରୟୋଗ କରିନଥିଲେ ଯେଉଁ ବାକ୍ୟକୁ ଶୁଣି ବିଦ୍ରୋହୀମାନେ ଆଳ କରିପାରିବେ । କାରଣ ସେମାନେ ନିଜ ମନରେ ଏହା ଅନୁଭବ କରିପାରୁଥିଲେ ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ହତ୍ୟା କୌଣସି ପରିପେକ୍ଷୀରେ ଉଚିତ ନୁହେଁ ।

ଯେତେବେଳେ ଏହି ଉପଦ୍ରବୀ ବିଦ୍ରୋହୀମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ହତ୍ୟା ଷଡ଼ଯନ୍ତ୍ର କରୁଥିଲେ ସେତେବେଳେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ସଲାମ୍ ଯିଏ ଅବିଶ୍ୱାସକାରୀ ଥିବା ଅବସ୍ଥାରେ ନିଜ ସମ୍ପ୍ରଦାୟର ସମ୍ମାନୀତ ତଥା ପ୍ରତିଷ୍ଠିତ ବ୍ୟକ୍ତି ଥିଲା ଏବଂ ଯାହାକୁ ଇହୁଦୀମାନେ ନିଜର ଅଧିପତି ବୋଲି ସ୍ୱୀକାର କରୁଥିଲେ ଏବଂ ଜଣେ ବିଦ୍ୱାନ ବ୍ୟକ୍ତି ଭାବରେ ମଧ୍ୟ ଜାଣିଥିଲେ ସେ ଆସିଲେ ଏବଂ ଦ୍ୱାର ଆଗରେ ଛିଡ଼ା ହୋଇ ସେହି ଲୋକମାନଙ୍କୁ ଉପଦେଶ ଦେବାକୁ ଆରମ୍ଭ କରିଦେଲେ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ହତ୍ୟା କରିବାକୁ ବାରଣ କଲେ ଏବଂ କହିଲେ ହେ ସମ୍ପ୍ରଦାୟ ! ତୁମେ ଈଶ୍ୱରଙ୍କ ତରବାରୀକୁ ନିଜ ଉପରେ ଉତଳିତ କରନାହିଁ । ମୁଁ ଈଶ୍ୱରଙ୍କ ରାଣ ଖାଇ କରି କହୁଛି ଯଦି ତୁମେମାନେ ତରବାରୀ ଉତଳନ କଲ ତାହେଲେ ସେହି ତରବାରୀକୁ ତରବାରୀ ଖୋଳରେ ରଖିବାକୁ ସୁଯୋଗ ମିଳିବନାହିଁ । ତେଣୁ ସେହି ତରବାରୀଟି ମୁସଲମାନମାନଙ୍କ ଉପରେ ସର୍ବଦା ଉତଳିତ ହୋଇରହିଥିବ ଏବଂ ମୁସଲମାନମାନଙ୍କ ମଧ୍ୟରେ ସର୍ବଦା କଳହ ହିଁ ଲାଗି ରହିଥିବ । ତେଣୁ ତୁମେମାନେ ବୁଦ୍ଧିର ପ୍ରୟୋଗ କର । ଆଜି ତୁମମାନଙ୍କ ଉପରେ ଚାବୁକ ଦ୍ୱାରା ଶାସନ କରାଯାଉଛି ପ୍ରାୟତଃ ଇସ୍‌ଲାମୀୟ ଧର୍ମ ବିଧାନରେ ଚାବୁକର

ଶାସ୍ତି ଦିଅଯାଇଥାଏ ଏବଂ ଯଦି ତୁମେମାନେ ଉକ୍ତ ବ୍ୟକ୍ତିକୁ ହତ୍ୟା କରିଦିଅ ଅର୍ଥାତ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ତାହେଲେ ତରବାରୀର ଶାସନ ବିନା ରାଜ୍ୟଶାସନ ପରିଚାଳିତ ହେବନାହିଁ । ଅର୍ଥାତ ଛୋଟ ଛୋଟ ଏବଂ ସାମାନ୍ୟ ଦୋଷ ପାଇଁ ଦୋଷିମାନଙ୍କୁ ମଧ ତରବାରୀ ଦ୍ୱାରା ବନ୍ଧ କରାଯିବ । ସ୍ମରଣ ରଖ ବର୍ତମାନ ମଦିନାର ସୁରକ୍ଷା ଈଶ୍ୱରଙ୍କ ଦୂତ ଅର୍ଥାତ ଫରିସ୍ତାମାନେ କରୁଛନ୍ତି ଯଦି ତୁମେମାନେ ତାଙ୍କୁ ହତ୍ୟା କର ତାହେଲେ ଫରିସ୍ତାମାନେ ମଦିନାକୁ ଛାଡ଼ି ଚାଲିଯିବେ । ଉକ୍ତ ଉପଦେଶରୁ ସେମାନେ ଏହି ଲାଭ ଉଠାଇଲେ ଯେ, ଅବ୍‌ଦୁଲ୍ଲାଃ ବିନ୍ ସଲାମ୍ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ସାହାବି ଥିଲେ, ସେହି ଉପଦ୍ରବୀମାନେ ତାଙ୍କ କଥାକୁ ପ୍ରତ୍ୟାଖ୍ୟାନ କରି ଅପମାନିତ କଲେ ଏବଂ ପ୍ରଥମେ ଧର୍ମର କଟାକ୍ଷ କରି କହିଲେ ହେ ଇହୁଦାନ୍‌ର ପୁତ୍ର ! ତୁମକୁ ଏହି କାର୍ଯ୍ୟ ସହିତ କୌଣସି ସମ୍ପର୍କ ନାହିଁ । ଦୁଃଖ ପରିତାପର ବିଷୟ ଯେ, ସେହି ଲୋକମାନଙ୍କୁ ଏହି କଥା ସ୍ମରଣ ରହିଲା ଯେ, ଅବ୍‌ଦୁଲ୍ଲାଃ ବିନ୍ ସଲାମ୍ ଇହୁଦନ୍‌ର ପୁତ୍ର ଥିଲେ କିନ୍ତୁ ସେମାନେ ଏକଥା ଭୁଲିଗଲେ ଯେ, ସେ ରସୁଲ୍ କରିମ୍ ସ:ଆ:ସଙ୍କ ହସ୍ତ ଉପରେ ବିଶ୍ୱାସ ଆଣିଥିଲେ ଓ ରସୁଲେ୍ କରିମ୍ ସ:ଆ:ସ ତାଙ୍କର ଏହି ବିଶ୍ୱାସ ଆଣିବା କଥା ଉପରେ ଅତ୍ୟନ୍ତ ପ୍ରସନ୍ନ ଭାବ ପରିପ୍ରକାଶ କରୁଥିଲେ ଏବଂ ରସୁଲେ୍ କରିମ୍ ସ:ଆ;ସଙ୍କର ପ୍ରତ୍ୟେକ ବିପତି ଏବଂ ସୁଖଦୁଃଖରେ ସେ ସହଭାଗୀ ହୋଇଥିଲେ । ସେହିପରି ସେମାନେ ଏକଥା ମଧ ଭୁଲିଗଲେ ଯେ, ସେମାନଙ୍କର ନେତା ଯିଏ ହଜ୍‌ରତ୍ ଅଲୀ ର:ଅଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରକୃତ ଉତରାଧିକାରୀ ବିବେଚିତ କରି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ବିପକ୍ଷରେ ଛିଡ଼ା କରାଇଥିଲା, ଅର୍ଥାତ ଅବ୍‌ଦୁଲ୍ଲାଃ ବିନ୍ ସବା ମଧ ଇହୁଦନ୍‌ର ପୁତ୍ର ଥିଲା, ଏତିକି ନୁହେଁ ବରଂ ସେ ସ୍ୱୟମ ଇହୁଦୀ ଥିଲା । ସେ କେବଳ ଉପରଠାଉରିଆ ଭାବରେ ଇସ୍‌ଲାମ୍‌ର ପିରପ୍ରକାଶ କରୁଥିଲା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ସଲାମ୍ ସେହି ଲୋକମାନଙ୍କଠାରୁ ନିରାଶ ହୋଇ ଚାଲିଗଲେ । ତା'ପରେ ସେହି ବିଦ୍ରୋହୀମାନେ ଏହା ଅବଲୋକନ କଲେ ଯେ, ଦ୍ୱାର ପାର୍ଶ୍ୱ ଯାଇ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ହତ୍ୟା କରିବା ସମ୍ଭବନୁହେଁ କାରଣ ସେଠାରେ କିଛି ସାହାବାଗଣ ଶତୃ ଆକ୍ରମଣକୁ ପ୍ରତିହତ ଏବଂ ପ୍ରତିରୋଧ କରିବାପାଇଁ ଉପସ୍ଥିତ ରହିଛନ୍ତି ଏବଂ ସେମାନେ ମାରିବୁ ନଚେତ ମରିବୁ ଜିଦ୍‌ରେ ଅଟଳ ଅଛନ୍ତି । ଅତଏବ ଉପଦ୍ରବୀମାନେ ଏହି ନିଷ୍ପତି ନେଲେ ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ହତ୍ୟା କରିବାକୁ ହେଲେ କୌଣସି ପଡ଼ୋଶୀର ପାଚେରି ଡ଼େଇଁ ଯିବାକୁ ପଡ଼ିବ । ଅତଏବ ସେମାନେ ଏହି ଉଦ୍ଦେଶ୍ୟ ରଖି ଏକ ପଡ଼ୋଶୀର ପାଚେରୀ ଉପରେ ଲମ୍ଫମାରି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ କୋଠରୀ ମଧ୍ୟକୁ ପ୍ରବେଶ କଲେ । ଯେତେବେଳେ ଉପଦ୍ରବୀ ବିଦ୍ରୋହୀମାନେ କୋଠରୀ ଭିତରେ ପ୍ରବେଶ କଲେ, ସେତେବେଳେ ସେମାନେ ଏହା ଅବଲୋକନ କଲେ ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ପବିତ୍ର କୁର୍‌ଆନେ୍ କରିମ୍ ଆବୃତ କରୁଛନ୍ତି । ଅର୍ଥାତ ଯେବେଠାରୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଘରେ ଘେରାଉ ହୋଇଥିଲା, ସେବେଠାରୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଏହି ଦିନଚର୍ଯ୍ୟା ଥିଲା ଯେ, ଦିବାରାତ୍ର କୁର୍‌ଆନେ୍ କରିମ୍ ଆବୃତ କରୁଥଲେ ଏବଂ ନମାଜ ପାଠ କରୁଥିଲେ । ଏହି କର୍ମ ବ୍ୟତିତ ସେ ଅନ୍ୟ କୌଣସି କାର୍ଯ୍ୟ ପ୍ରତି ଆକୃଷ୍ଟ ନଥିଲେ କିମ୍ୱା ଧ୍ୟାନ ଦେଉନଥିଲେ । ଏହି ଦିନ ମାନଙ୍କରେ ହଜ୍‌ରତ୍ ଉସ୍‌ମାନ୍ ର:ଅ କେବଳ ଗୋଟିଏ କାମ କଲେ ଯେ, ସେହି ବିଦ୍ରୋହୀମାନଙ୍କୁ ତାଙ୍କ ଘରେ ପ୍ରବେଶ ହୋବ ପୂର୍ବରୁ ଦୁଇଜଣ ବ୍ୟକ୍ତିଙ୍କୁ ରାଜକୋଷର ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରିଥିଲେ କାରଣ ଯେମିତି କି ଏହା ପ୍ରମାଣ ଅଛି ଯେ ସେହିଦିନ ରାତ୍ରିରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସ୍ୱପ୍ନରେ ଦେଖିଥିଲେ ଏବଂ ଆପଣ ସ:ଆ:ସ କହିଲେ, **ହେ ଉସ୍‌ମାନ୍ ! ଆଜି ସଂନ୍ଧ୍ୟାରେ ତୁମେ ମୋ ସହିତ ରୋଜା ଖୋଲିବ ।** ଉକ୍ତ ସ୍ୱପ୍ନକୁ ଦେଖି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ବିଶ୍ୱାସ ହୋଇଯାଇଥିଲା ଯେ, ଆଜି ମୁଁ ବୀରଗତି ପ୍ରାପ୍ତ କରିବି ତେଣୁ ସେ ନିଜର ଦାୟିତ୍ୱକୁ ଦୃଷ୍ଟିରେ ରଖି ଦୁଇଜଣ ବ୍ୟକ୍ତିକୁ ଆଦେଶ ଦେଲେ ଯେ, ସେମାନେ ରାଜକୋଷ ଆଗରେ ପହରା ଦେଇ ରାଜକୋଷର ସୁରକ୍ଷା କରନ୍ତୁ କାରଣ କୋଳାହଳରେ ଯେପରି କୌଣସି ବ୍ୟକ୍ତି ରାଜକୋଷରୁ ଅର୍ଥ ଲୁଣ୍ଠନ କରିବାପାଇଁ ଅପଚେଷ୍ଟା ନ କରୁ । ଅତଏବ ଯେତେବେଳେ ଏହି ଉପଦ୍ରବୀ ବିଦ୍ରୋହୀମାନେ ଗୃହ ଭିତରକୁ ପ୍ରବେଶ କଲେ ସେତେବେଳେ ସେମାନେ ଏହା ଅବଲୋକନ କଲେ ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ କୁର୍‌ଆନେ୍ କରିମ୍ ଆବୃତ କରୁଛନ୍ତି ସେହି ଆକ୍ରମଣକାରୀମାନଙ୍କ ମଧ୍ୟରେ ମହମ୍ମଦ ବିନ୍, ଅବୁବକର ମଧ ଥିଲେ ଯିଏ କ୍ଷମତାଧାରି ବ୍ୟକ୍ତି ଥିଲେ ଏବଂ ଲୋକମାନଙ୍କୁ ଶାସନ କରିବା ତାଙ୍କର ପରମ କର୍ତବ୍ୟ ବୋଲି ବିଚାର କରୁଥିଲେ । ସେ ଏହା ଭାବୁଥିଲେ ଯେ ମୁଁ ହେଉଛି ହଜ୍‌ରତ୍ ଅବୁବକର ର:ଅଙ୍କ ସୁପୁତ୍ର ତେଣୁ ମୋତେ ସବୁ କାର୍ଯ୍ୟରେ ଅଗ୍ରାଧିକାରୀ ପ୍ରାପ୍ତ ହେବ ଏବଂ ମୁଁ ସବୁକାର୍ଯ୍ୟରେ ସର୍ବାଗ୍ରେ ରହିବି । ଅତଏବ ସେ ଆଗକୁ ବଢ଼ି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଦାଢ଼ିକୁ ଧରି ବଳପୂର୍ବକ ଝିଙ୍କି ଦେଲେ । ମୁହମ୍ମଦ ବିନ୍ ଅବୁବକର ଏହି ଆଚରଣକୁ ଦେଖି ହଜ୍‌ରତ୍ ଉସ୍‌ମାନ୍ ର:ଅ କେବଳ ଏତିକି କହିଲେ, ହେ ମୋର ଭାଇଙ୍କ ପୁତ୍ର ! ଯଦି ତୁମ୍ଭର ପିତା ଜୀବିତ ଥାଆନ୍ତେ ତାହେଲେ ତୁମେ କଦାପି ଏପରି କରିନଥାନ୍ତ । ତୁମର କଣ ହୋଇଛି ଯେ ତୁମେ ମୋ ପ୍ରତି ଏଭଳି ଅସଦାଚାରଣ ପ୍ରଦର୍ଶନ କରୁଅଛ । କଣ ତୁମେ ଅଲ୍ଲାଃଙ୍କ ପାଇଁ ମୋ ଉପରେ ନାରାଜ ଅଛ ? ଏହି କଥା ବ୍ୟତିତ ତୁମେ ଅନ୍ୟ କୌଣସି କାରଣ ଯୋଗୁଁ ମୋ ଉପରେ କ୍ଷୁବ୍ଧ ହୋଇଛ କି ? ମୁଁ ତୁମ ହସ୍ତ ଦ୍ୱାରା ଅଲ୍ଲାଃ ତାଲାଙ୍କର ଅଧିକାର ସମ୍ପାଦିତ କରାଇଛି । ମୁଁ ତୁମକୁ କେବଳ ଏତିକି କହୁଛି ଯେ, ତୁମେ ଅଲ୍ଲାଃ ତାଲାଙ୍କର ଅଧିକାର ସମ୍ପାଦନ କର । ଅତଏବ ମୁହମ୍ମଦ ବିନ୍ ଅବୁବକର ଲଜ୍ଜିତ ହୋଇ ସେଠାରୁ ଫେରି ଆସିଲେ କିନ୍ତୁ ଅନ୍ୟ ବ୍ୟକ୍ତିମାନେ ସେଠାରେ ରହିଲେ ଏବଂ ସେମାନଙ୍କୁ ଏହି ସୁଚନାଟି ପ୍ରାପ୍ତ ହୋଇସାରିଥିଲା ଯେ ନିଃସନ୍ଦେହ ଆଜି ରାତି ସୁଦ୍ଧା ବସ୍‌ରାଃ ର ସୈନ୍ୟଦଳ ମଦିନରେ ପ୍ରବେଶ କରିବେ । ବିଦ୍ରୋହୀଙ୍କ ପାଇଁ ଏହି ସୁଯୋଗଟି ଅନ୍ତିମ ସୁଯୋଗ ଥିଲା । ଅତଏବ ସେମାନେ ଏହି ନିଷ୍ପତି ନେଲେ ଯେ, ନିଜର କାମକୁ ସମ୍ପାଦନ କରିବା ବ୍ୟତିତ ସେମାନେ ସେଠାରୁ ଫେରିବେନାହିଁ । ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଆଗକୁ ବଢ଼ିଲା ଏବଂ ଏକ ଲୌହ ଛଡ଼ ଦ୍ୱାରା ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ମୁଣ୍ଡ ଉପରକୁ ପ୍ରହାର କଲା ଏବଂ ପୁନଶ୍ଚ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସମ୍ମୁଖରେ ଯେଉଁ ପବିତ୍ର କୁର୍‌ଆନ୍ କରିମ୍ ଥିଲା ତାହାକୁ ଗୋଇଠା ମାରି ଫିଙ୍ଗି ଦେଲା । ପବିତ୍ର କୁର୍‌ଆନ୍ କରିମ୍ ଘୂରି ଘୂରି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ନିକଟରେ ଆସି ପଡ଼ିଗଲା । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ମୁଣ୍ଡରେ ଲାଗିଥିବା କ୍ଷତର ରକ୍ତବୁନ୍ଦା ପବିତ୍ର କୁର୍‌ଆନ୍ କରିମ୍‌ରେ ଆସି ପଡ଼ିଲା । ଉକ୍ତ ଘଟଣାରୁ ଏହା ସ୍ପଷ୍ଟ ହେଲା ଯେ, ସେହି ଉପଦ୍ରବୀ ବିଦ୍ରୋହୀ ତଥା ହତ୍ୟାକାରୀମାନେ ପବିତ୍ର କୁର୍‌ଆନ୍ କରିମ୍ ପ୍ରତି ସମ୍ମାନ କଣ କରିବେ ବରଂ ସେମାନଙ୍କ ଧର୍ମ ପ୍ରତି ଥିବା ଆନ୍ତରିକତା ଏବଂ ଧର୍ମପରାୟଣତାରୁ ପରଦା ହଟି ଯାଇଥିଲା ଏବଂ ସେମାନଙ୍କର ଧର୍ମଗ୍ଲାନୀ ଘଟିଥିଲା । ସୁତରାଂ ଯେଉଁ ଆୟତ ଉପରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ରକ୍ତ ବୁନ୍ଦା ପଡ଼ିଥିଲା, ସେହି ଆୟତଟି ଏକ ଭବ୍ୟ ଭବିଷ୍ୟବାଣୀ ଥିଲା ଯାହାକି ଉଚିତ ସମୟରେ ଯାଇ ପୂର୍ଣ୍ଣ ବୈଭବର ସହିତ ପୂରଣ ହୋଇଥିଲା । ଏଥିରେ ଅତି କଠିନ ହୃଦୟଧାରୀ ଲୋକ ମଧ ଉକ୍ତ ଅକ୍ଷରଗୁଡ଼ିକର ଦୃଶ୍ୟର ଝଲକ ଦେଖି ନିଜର ଚକ୍ଷୁକୁ ସେତେବେଳେ ବନ୍ଦ କରିଦେଇଥିଲେ । ସେହି ଆୟତଟି ଏହିପରି ଥିଲା ଯେ, **ଫସୟକ୍‌ଫିକହୁମୁଲ୍ଲାଃହୁ ୱ୍ହୁଅସ୍ ସମିଉଲ୍ ଅଲିମ୍ (ଅଲ୍‌ବକ୍‌ରାଃ:୧୩୮) ।** *ଅର୍ଥାତ ଅଲ୍ଲାଃ ତାଲା ନିଶ୍ଚୟ ସେମାନଙ୍କ ଠାରୁ ତୁମ ପ୍ରତି ହୋଇଥିବା ଦୌରାତ୍ମ୍ୟର ପ୍ରତିଶୋଧ ନେବେ ଏବଂ ସେ ହିଁ ମହାନ୍ ଶ୍ରୋତା ଓ ସର୍ବଜ୍ଞ ।*

ଏତଦ୍‌ପରେ ଅନ୍ୟ ଏକ ବ୍ୟକ୍ତି ଯାହାର ନାମ ଥିଲା ସୁଦାନ୍ ଅଟେ, ସେ ଆଗକୁ ବଢ଼ି ତରବାରୀ ଦ୍ୱାରା ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଉପରେ ଆକ୍ରମଣ କରିଥିଲା, ପ୍ରଥମ ପ୍ରହାରକୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ନିଜର ହାତ ସାହାଯ୍ୟରେ ଅଟକାଇ ଦେଇଥିଲେ, ଯଦ୍ୱାରା ତାଙ୍କ ହାତ କଟିଯାଇଥିଲା । ସେହି ଆକ୍ରମଣକାରୀ ପୂନର୍ବାର ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଉପରେ ଆକ୍ରମଣ କଲା । ହଜ୍‌ରତ୍ ଉସ୍‌ମାନ୍ ର:ଅ ସେହି ଆକ୍ରମଣକାରୀକୁ ଏହି ଉତର ଦେଲେ ଯେ, ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ଏହା ହେଉଛି ସେହି ହସ୍ତ ଯେଉଁ ହସ୍ତ ସର୍ବପ୍ରଥମେ କୁର୍‌ଆନ୍ କରିମ୍ ଲେଖିଥିଲା । ତା'ପରେ ପୁଣି ସେହି ଆକ୍ରମଣକାରୀ ଦ୍ୱିତୀୟଥର ପ୍ରହାର କରି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ହତ୍ୟା କରିବାକୁ ଉଦ୍ୟମ କରୁଥିବାର ଦେଖି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପତ୍ନୀ ନାଏଲା ସେଠାରେ ଆସି ପହଂଚିଗଲେ ଏବଂ ନିଜକୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଆଗରେ ଛିଡ଼ା କରିଦେଇଥିଲେ । କିନ୍ତୁ ସେହି ମୂର୍ଖ ହତଭାଗ୍ୟ ବ୍ୟକ୍ତି ମହିଳା ଉପରେ ମଧ ପ୍ରହାର କରିବାକୁ ପଛାଇ ନଥିଲେ ଏବଂ ହଜ୍‌ରତ୍ ନାଏଲା ର:ଅଙ୍କ ଉପରେ ପ୍ରହାର କରିଦେଇଥିଲା, ଯଦ୍ୱାରା ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପତ୍ନୀଙ୍କର ଆଙ୍ଗୁଠି କଟିଯାଇଥିଲା ଏବଂ ସେହି ଆଙ୍ଗୁଳିଟି ହାତୁ କଟି ଅଲଗା ହୋଇଗଲା । ଏହାପରେ ସେ ଆଉ ଏକ ପ୍ରହାର ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଉପରେ କଲା ଏବଂ ତାଙ୍କୁ କ୍ଷତବିକ୍ଷତ କରିଦେଇଥିଲା । ଏହାପରେ ସେହି ହତଭାଗ୍ୟ ଆକ୍ରମଣକାରୀ ଜଣକ ଏହା ଭାବିଲା ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଶରୀରରୁ ପ୍ରାଣବାୟୁ ବର୍ତମାନ ସୁଦ୍ଧା ଉଡ଼ିନାହିଁ ବୋଧ ହୁଏ ସେ ବଂଚିଯାଇପାରନ୍ତି । ହଜ୍‌ରତ୍ ଉସ୍‌ମାନ୍ ର:ଅ ଯେତେବେଳେ ଆହତ ହୋଇ ଅଚେତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ ଏବଂ ଯନ୍ତ୍ରଣାରେ ଛଟପଟ ହେଉଥିଲେ ଠିକ୍ ସେତିକିବେଳେ ସେହି ହତଭାଗ୍ୟ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଗଳାକୁ ଧରି ଚିପିବାକୁ ଲାଗିଲା । ସେ ସେପର୍ଯ୍ୟନ୍ତ ତାଙ୍କର ଗଳାକୁ ଚିପି ଧରିଥିଲା ଯେପର୍ଯ୍ୟନ୍ତ ତାଙ୍କ ଆତ୍ମାର ପ୍ରାଣପକ୍ଷୀଟି ପିଣ୍ଡରୁ ଉଡ଼ିଯାଇ ରସୁଲେ୍ କରିମ୍ ସ:ଆ:ସଙ୍କ ନିମନ୍ତ୍ରଣକୁ ସ୍ୱୀକାର କରି ଇହଧାମ ତ୍ୟାଗ କରିନଥିଲା । ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।*** ପ୍ରଥମେ ଏହି ହୃଦୟ ବିଦାରକ ଏବଂ ମର୍ମନ୍ତୁଦ ଦୃଶ୍ୟ ଦ୍ୱାରା ପ୍ରଭାବିତ ହୋଇ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ପତ୍ନୀ କିଛି କହିପାରିନଥିଲେ କିନ୍ତୁ ପରିଶେଷରେ ଦ୍ୱାର ଆଗରେ ବସିଥିବା ଲୋକମାନଙ୍କୁ ଡ଼ାକ ପକାଇଲେ ଯଦ୍ୱାରା ସେମାନେ ଭିତର ଆଡ଼କୁ ଦଉଡ଼ି ଆସିଲେ କିନ୍ତୁ ବର୍ତମାନ ସମସ୍ତ ସାହାଯ୍ୟ ଓ ପରିଶ୍ରମ ବୃଥା ହୋଇଯାଇଥିଲା ଯାହା ଘଟିବାର ଥିଲା ତାହା ଘଟିସାରିଥିଲା । ସୁତରାଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ସ୍ୱାଧିନ ପ୍ରାପ୍ତ ଦାସ ଅବିଶ୍ୱାସକାରୀ ସୁଦାନ୍ ହାତରେ ସେହି ରକ୍ତରଞ୍ଜିତ ତରବାରୀକୁ ଦେଖିନେଲା ସେହି ସୁଦାନ୍ ଯିଏ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଶହୀଦ କରିଥିଲା ତେଣୁ ସେହି ସ୍ୱାଧିନପ୍ରାପ୍ତ କ୍ରୀତଦାସ ଜଣକ ଆଉ ନିଜକୁ ସମ୍ଭାଳି ନପାରି ଆଗକୁ ବଢ଼ି ସେହି ବ୍ୟକ୍ତିକୁ ଅର୍ଥାତ ସେହି ସୁଦାନକୁ ତରବାରୀ ଦ୍ୱାରା ପ୍ରହାର କରି ତାହାର ସ୍କନ୍ଦଚ୍ୟୁତ କରିଦେଇଥିଲା । ପ୍ରତ୍ୟାକ୍ରମଣ ସ୍ୱରୁପ ସେହି ବିଦ୍ରୋହୀ ହତ୍ୟାକାରୀମାନଙ୍କର ଆଉ ଜଣେ ସାଥି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଦାସକୁ ହତ୍ୟା କରିଦେଇଥିଲା ।

ବର୍ତମାନ ଇସ୍‌ଲାମୀୟ ଶାସନ ଗାଦିଶୁନ୍ୟ, ଖଲିଫା ବିହୀନ ଏବଂ ଶ୍ରୀହୀନ ହୋଇପଡ଼ିଥିଲା । ବତର୍ମାନ ମଦିନାବାସୀ ଅଧିକ ଉଦ୍ୟମ କରିବାକୁ ବୃଥା ମନେକଲେ ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜ ଘରେ ଯାଇ ବସିପଡ଼ିଥିଲେ । ସେହି ଉପଦ୍ରବୀ ବିଦ୍ରୋହୀ ତଥା ହତ୍ୟାକାରୀମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଶହୀଦ କରିବା ପରେ ତାଙ୍କ ଘରେ ଲୁଣ୍ଠନ କରିବାକୁ ଲାଗିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପତ୍ନୀ ଏହି ଦୃଶ୍ୟକୁ ଦେଖି ସେହି ସ୍ଥାନରୁ ହଟିଯିବାକୁ ଚାହିଁଲେ ଏବଂ ସେଠାରୁ ଯାଉଥିବା ସମୟରେ ସେହି ହତଭାଗ୍ୟ କୁକର୍ମୀ, ବିଭତ୍ସ ହତ୍ୟାକାରୀମାନେ ହିଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପତ୍ନୀଙ୍କ ସମ୍ପର୍କରେ ଅତ୍ୟନ୍ତ ଅଶ୍ଲିଳ ଭାଷା ପ୍ରୟୋଗ କଲେ ଏବଂ ନାନା ପ୍ରକାରର ବ୍ୟଙ୍ଗ ବିଦ୍ରୁପ କରିଥିଲେ । ନିଃସନ୍ଦେହ ରୂପେ ଜଣେ ଭଦ୍ରବ୍ୟକ୍ତି, ସେ ଯେକୌଣସି ଧର୍ମର ହୋଇଥାଉ ନା କାହିଁକି ତା ପକ୍ଷରେ ଏହି କଥାକୁ ସହ୍ୟ କରିବା ଅତ୍ୟନ୍ତ କଷ୍ଟସାଧ ଅଟେ । ଏଭଳି ପରିସ୍ଥିତିରେ ଯେତେବେଳେ ରସୁଲେ୍ କରିମ୍ ସ:ଆ:ସ, ଅତ୍ୟନ୍ତ ପୂର୍ବତନ ସାହାବି ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜ୍ୱାଇଁ, ସମସ୍ତ ଇସ୍‌ଲାମୀୟ ରାଷ୍ଟ୍ରର ସମ୍ରାଟ ଏବଂ ଉପସ୍ଥିତ ଖଲିଫାଙ୍କୁ ଏହି ଦୁରାଚାରୀମାନେ କିଛି ସମୟ ପୂର୍ବେ ହତ୍ୟା କରିଉଠିଥିଲେ, ସେମାନଙ୍କ ମଧ୍ୟରୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପତ୍ନୀଙ୍କ ପ୍ରତି ଏଭଳି ଅଶ୍ଲୀଳ ଭାଷା ପ୍ରୟୋଗ କରିବା କଦାପି ସହ୍ୟ ଯୋଗ୍ୟ ନଥିଲା । କିନ୍ତୁ ସେହି ଉପଦ୍ରବୀ ବିଦ୍ରୋହୀ ତଥା ହତ୍ୟାକାରୀମାନଙ୍କର ଲଜ୍ଜାହୀନତା ସେତେବେଳେ ଚରମସୀମାରେ ପହଂଚି ଯାଇଥିଲା ଯେ, ସେମାନଙ୍କ ନିକଟରେ କୌଣସି କୁକର୍ମ ଅସମ୍ଭବ ଓ

ଅନୁଚିତ ବୋଲି ମନେ ହେଉନଥିଲା । ଏହି ଲୋକମାନେ କୌଣସି ପୂଣ୍ୟ ଅଭିପ୍ରାୟ ରଖି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ବିରୁଦ୍ଧରେ ଛିଡ଼ା ହୋଇନଥିଲେ ଓ ନା ହିଁ ସେମାନଙ୍କର ଗୋଷ୍ଠୀ ପୂଣ୍ୟ ସ୍ୱଭାବ ଉପରେ ଆଧାରିତ ହୋଇଥିଲା । ବରଂ ସେମାନଙ୍କ ମଧ୍ୟରୁ କେତେକ ଅବ୍‌ଦୁଲ୍ଲାଃ ବିନ୍ ସବା ଇହୁଦୀର ପ୍ରରୋଚନା ଏବଂ ଅଜବ ପ୍ରକାରର ଇସ୍‌ଲାମୀୟ ବିରୋଧି ଶିକ୍ଷାପ୍ରତି ମୁହାଶକ୍ତ ଥିଲେ । ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଅଜବ ପ୍ରକାରର ସୋଶିଆଲିଜିମ୍‌କୁ ପ୍ରୋତ୍ସାହିତ କରୁଥିଲେ । ସାମାଜିକ ଆଉ କେତେକ ଅଭିଯୁକ୍ତ ଦଣ୍ଡପ୍ରାପ୍ତ ଦୋଷୀମାନେ ରହିଥିଲେ, ଯେଉଁମାନେ ନିଜର ପୂର୍ବ ବିଦ୍ୱେଷଭାବକୁ ବାହାର କରିବାକୁ ଚାହୁଁଥିଲେ ଏବଂ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ ଓ ଆଉ କେତେକ ଲୁଟେରା ଓ ଡ଼ାକୁ ଥିଲେ, ଯେଉଁମାନେ ଉକ୍ତ ବିଦ୍ରୋହ ସମୟରେ ନିଜ ଉନ୍ନତି ପଥର ଆଶାବାଦୀ ଥିଲେ । ଅତଏବ ସେମାନଙ୍କର ନିର୍ଜଲତା ଉପରେ ଆଚମ୍ଭିତ ହେବା କୌଣସି ନୂଆ କଥା ନୁହେଁ । ବରଂ ଏମାନେ ଯଦି ଏହିପରି ଘୃର୍ଣ୍ୟକାଣ୍ଡ ଏବଂ ଜଘନ୍ୟ ଅପରାଧ କରିନଥାନ୍ତେ ତାହେଲେ ମନୁଷ୍ୟ ଆଶ୍ଚର୍ଯ୍ୟଚକିତ ହେବା ସ୍ୱଭାବିକ ଥିଲା କିନ୍ତୁ ସେ ବିଷୟରେ ଭାବିବା ବୃଥା । ଅତଏବ ଯେତେବେଳେ ଏହି ଉପଦ୍ରବୀ ବିଦ୍ରୋହୀ ତଥା ହତ୍ୟାକାରୀମାନେ ଲୁଟତରାଜ କରୁଥିଲେ, ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଆଉ ଏକ ସ୍ୱାଧିନପ୍ରାପ୍ତ ଦାସ, ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ପରିବାରବର୍ଗଙ୍କ ଚିତ୍କାର ଶୁଣି ଆଉ ସହ୍ୟ ନ କରିପାରି ସେହି ଲୁଣ୍ଠନ ଡ଼ାକୁ, ଲମ୍ପଟ, ଉପଦ୍ରବୀ, ବିଦ୍ରୋହୀ ବ୍ୟକ୍ତି ଉପରେ ଆକ୍ରମଣ କରିଦେଲା ଯିଏ କି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପ୍ରଥମ ଦାସକୁ ହତ୍ୟା କରିଥିଲା । ଏହାର ଜବାବରେ ସେମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଦ୍ୱିତୀୟ ଦାସକୁ ମଧ୍ୟ ହତ୍ୟା କରିଥିଲେ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ପରିବାରର ମହିଳାମାନଙ୍କର ଗଳା ତଥା ଶରୀରରୁ ଅଳଙ୍କାର ଆଦି ଓହ୍ଲାଇ ନେଇଥିଲେ ଏବଂ ଉପହାସ କରି ଘରୁ ବାହାରକୁ ବାହାରି ଯାଇଥିଲେ ।

***(ଇସ୍‌ଲାମ୍ ମେଁ ଇଖ୍‌ତିଲାଫାତ୍ କା ଆଗାଜ୍, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୪, ପୃ-୩୨୭-୩୩୧)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ହତ୍ୟାକାରୀଙ୍କର ଅଶିଷ୍ଟାଚା ସମ୍ବନ୍ଧରେ ଅତିରିକ୍ତ ଚର୍ଚ୍ଚା କରି ଏକ ସ୍ଥାନରେ ବର୍ଣ୍ଣନା କରିଛନ୍ତି ଯେ, ସେହି ଉପଦ୍ରବୀ ବିଦ୍ରୋହୀ ତଥା ହତ୍ୟାକାରୀମାନେ କଣ କଲେ ? ସେମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଶହୀଦ କଲେ ଏବଂ ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ କ୍ଷତବିକ୍ଷତ ଓ ରକ୍ତାକ୍ତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିଲେ ସେତେବେଳେ ସେମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପତ୍ନୀଙ୍କ ପ୍ରତି ଅସଦାଚରଣ ଏବଂ ଅଶ୍ଳିଳଭାଷା ପ୍ରୟୋଗ କରୁଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି, ଏହି ହତ୍ୟାକାରୀମାନେ କେବଳ ଏତିକିରେ ଅଟକି ଯାଇନଥିଲେ ବରଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ପତ୍ନୀ ହଜ୍‌ରତ୍ ଆଇଶା ର:ଅଙ୍କ ସମ୍ପର୍କରେ ମଧ୍ୟ ଏହିଭଳି ଅଶ୍ଳିଳ ଭାଷା ପ୍ରୟୋଗ କରିବାକୁ ଲାଗିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେ, ଏହି ସବୁ କଥାକୁ ଶୁଣି ମୁଁ କହୁଛି ଯେ ଅଲ୍ଲାଃ ତାଲା ମତେ ବହୁତ ବଡ଼ ମର୍ଯ୍ୟାଦାର ଅଧିକାରୀ କରିଛନ୍ତି ଏବଂ ମୁଁ ଏହି ମର୍ଯ୍ୟାଦାକୁ ପ୍ରାପ୍ତ କରି ଗର୍ବିତ ଅନୁଭବ କରୁଛି । କିନ୍ତୁ ମୋ ମନ ଚାହୁଁଛି ଯେ ଏପରି ହୁଅନ୍ତା କି ମୁଁ ସେହି ସମୟରେ ଥାଆନ୍ତି ଓ ସେହି ଲୋକମାନଙ୍କୁ ଖଣ୍ଡ ଖଣ୍ଡ କରି ପକାଇଥାନ୍ତି । ସେହି ଉପଦ୍ରବୀମାନଙ୍କର ବ୍ୟବହାର ସୀମା ଟପିଯାଇଥିଲା ହଜ୍‌ରତ୍ ଆଇଶା ର:ଅଙ୍କ ସମ୍ବନ୍ଧରେ ଏପରି ଅଭ୍ରଦାମି ଦେଖାଇଥିଲେ ଯେ, ସେମାନେ ଆଇଶା ର:ଅଙ୍କୁ ଦେଖି କହିଥିଲେ ଯେ ଇଏ ତ ଯୁବତୀ ଅଟନ୍ତି ।

***(ରିପୋର୍ଟ ମଜ୍‌ଲିସ୍ ମୁଶାୱରତ୍ ୧୧,୧୨ ଏପ୍ରିଲ ୧୯୨୫ ମସିହା ପୃ-୩୨-୩୩)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ସେହି ବ୍ୟଭିଚାରି ବିଦ୍ରୋହୀମାନେ ହଜ୍‌ରତ୍ ଆଇଶା ର:ଅଙ୍କ ଉପରେ ମଧ୍ୟ ଏହିପରି ମନ୍ଦ ଓ ଅଶ୍ଳିଳ ଚର୍ଚ୍ଚା କରିବାକୁ ବିରତ ରହିଲେନାହିଁ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପ୍ରତି ଯେଉଁ ବ୍ୟବହାର ହୋଇଥିଲା ସେଥିପ୍ରତି ହଜ୍‌ରତ୍ ଉସ୍‌ମାନ୍ ର:ଅ କେବେବି ଭୟଭୀତ ହୋଇନଥିଲେ ଅର୍ଥାତ ହଜ୍‌ରତ୍ ଉସ୍‌ମାନ୍ ର:ଅ ଏହି କଥା ପ୍ରତି କଦାପି ଚିନ୍ତିତ ନଥିଲେ କି ମୋ ପ୍ରତି ବିଦ୍ରୋହୀମାନେ କେଉଁ ପ୍ରକାର ବ୍ୟବହାର ପ୍ରଦର୍ଶନ କରିବେ । ଇତିହାସରୁ ପ୍ରମାଣିତ ଯେ, ଯେତେବେଳେ ବିଦ୍ରୋହୀମାନେ ମଦିନା ଅଧିକାର କରିନେଲେ ସେତେବେଳେ ସେମାନେ ନମାଜ ପୂର୍ବରୁ ସମସ୍ତ ମସ୍‌ଜିଦ୍‌ରେ ପହଂଚି ଯାଇଥିଲେ ଏବଂ ମଦିନାବାସୀଙ୍କୁ ପରସ୍ପରଠାରୁ ପୃଥକ ରଖିଥିଲେ କାରଣ ମଦିନାବାସୀମାନେ ଯେପରି ଏକଜୁଟ ହୋଇ ବିଦ୍ରୋହୀମାନଙ୍କର ମୁକାବିଲା ନ କରନ୍ତୁ । କିନ୍ତୁ ଉପଦ୍ରବୀଙ୍କ ଏହି ଦୁଷ୍ଟତା ଓ ଉପଦ୍ରବ ସତ୍ୱେ ହଜ୍‌ରତ୍ ଉସ୍‌ମାନ୍ ର:ଅ ମସ୍‌ଜିଦ୍‌କୁ ନମାଜ ପଢ଼ିବାକୁ ଏକୁଟିଆ ଆସୁଥିଲେ ଏବଂ ତିଳେମାତ୍ର ଭୟଭୀତ ହେଉନଥିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ସେ ପର୍ଯ୍ୟନ୍ତ ମସ୍‌ଜିଦ୍‌କୁ ଆସୁଥିଲେ ଯେ ପର୍ଯ୍ୟନ୍ତ ଲୋକମାନେ ତାଙ୍କୁ ମସ୍‌ଜିଦ୍ ଆସିବାକୁ ମନା ନ କରିଥିଲେ କିନ୍ତୁ ଯେତେବେଳେ ଉପଦ୍ରବ ବୃଦ୍ଧି ପାଇବାକୁ ଲାଗିଲା ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଲୋକମାନେ ପରାମର୍ଶ ଦେଲେ ହେ ଅମିରୁଲ୍ ମୁମିନିନ୍ ! ଆପଣ ଆଉ ମସ୍‌ଜିଦ୍‌କୁ ଆସନ୍ତୁ ନାହିଁ । ଅତଏବ ଯେତେବେଳେ ଉପଦ୍ରବଟି ବୃଦ୍ଧି ପାଇଲା ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଘର ଉପରେ ଉପଦ୍ରବୀମାନେ ଆକ୍ରମଣ କରିଥିଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ସାହାବାମାନଙ୍କଠାରୁ ଶପଥ ନେଇ କହିଲେ, ଆପଣମାନେ ନିଜ ନିଜ ଘରକୁ ଚାଲିଯାଆନ୍ତୁ ଏବଂ ମୋ ପାଇଁ ନିଜ ଜୀବନକୁ ବିପଦ ମୁଖରେ ପକାନ୍ତୁ ନାହିଁ, ମୋ ସୁରକ୍ଷା ପ୍ରତି ଚିନ୍ତିତ ହୁଅନ୍ତୁ ନାହିଁ । ଅତଏବ ଏପରି ଜଣେ ଲୋକ, ଯିଏ ଏକଥାକୁ ଭଲଭାବରେ ଜାଣେ ଯେ, ତାଙ୍କୁ ଶହୀଦ କରିଦିଆଯିବ । ଯଦି ସେ ଶହୀଦ ହେବାକୁ ଭୟ କରୁଥିବ ତା'ହେଲେ ସେ କଣ ଏଭଳି ପଦକ୍ଷେପ ଗ୍ରହଣ କରି ଲୋକମାନଙ୍କୁ ନିଜ ନିଜ ଘରକୁ ଫେରିଯିବାକୁ କହିପାରିବ କି ? ଏଥିରୁ ପ୍ରମାଣିତ ହେଉଅଛି ଯେ ବା ହଜ୍‌ରତ୍ ଉସ୍‌ମାନ୍ ର:ଅ ମରିବାକୁ କଦାପି ଭୟ କରୁନଥିଲେ । ଅତଏବ ଉକ୍ତ କଥାର ଆଉ ଏକ ବଳିଷ୍ଠ ପ୍ରମାଣ ହେଉଛି ଯେ ଯେଉଁ ପ୍ରମାଣକୁ ମୁଁ ଖୁତ୍‌ବାର ପ୍ରଥମାର୍ଦ୍ଧରେ ବର୍ଣ୍ଣନା କରିଆସିଛି ଯେ, ସେହି ବିଭ୍ରାଟ ଓ ଉପଦ୍ରବ ସମୟରେ ହଜ୍‌ରତ୍ ଅମୀର ମୁଆୱିୟା ହଜ୍ କରିବାପାଇଁ ଆସିଥିଲେ ଓ ଯେତେବେଳେ ମୁଆୱିୟା ଯିବାକୁ ଲାଗିଲେ ସେତେବେଳେ ସେ ମଦିନାରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ସାକ୍ଷାତ କଲେ ଏବଂ କହିଲେ, ଆପଣ ମୋ ସହିତ ସିରୀୟା ଚାଲନ୍ତୁ ଆପଣ ସେଠାରେ ଶାନ୍ତି ପୂର୍ବକ ଜୀବନ ଯାପନ କରିବେ ଏବଂ ସୁରକ୍ଷିତ ରହିବେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ମୁଆୱିୟାଙ୍କୁ ଉତର ଦେଲେ ଯେ, ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କର ପଡ଼ୋଶୀ ହେବା ଉପରେ ଅନ୍ୟ କୌଣସି ବସ୍ତୁକୁ ପ୍ରାଧାନ୍ୟ ଦେଇପାରିବି ନାହିଁ । ପୁଣି ମୁଆୱିୟା କହିଲେ ଯଦି ଆପଣ ଏହି କଥାକୁ ସ୍ୱୀକାର କରୁ ନାହାନ୍ତି ତାହେଲେ ମୁଁ ସିରୀୟାର ଏଭଳି ଏକ ସୈନ୍ୟଦଳ ଆପଣଙ୍କ ସୁରକ୍ଷା ପାଇଁ ପ୍ରେରଣ କରିଦେଉଛି । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ମୁଁ ନିଜ ସୁରକ୍ଷା ପାଇଁ ଏକ ସୈନ୍ୟଦଳ ରଖି ଅନ୍ୟ ମୁସଲମାନମାନଙ୍କ ଜୀବିକାକୁ ଅସୁବିଧାରେ ପକାଇ ପାରିବିନାହିଁ । ହଜ୍‌ରତ ମୁଆୱିୟା ର:ଅ କହିଲେ, ହେ ଅମିରୁଲ୍ ମୁମିନିନ୍ ବିଦ୍ରୋହୀମାନେ ଆପଣଙ୍କୁ ଛଳ କରି ହତ୍ୟା କରିଦେବେ କିମ୍ବା ସମ୍ଭବତଃ ସେମାନେ ଆପଣଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ବାଧ ହେବେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ଉତର ଦେଲେ, ଯେ ମୁଁ ଏହି ସମସ୍ତ କଥାକୁ ଭ୍ରୁକ୍ଷେପ କରୁନାହିଁ ବରଂ ମୋ ପାଇଁ ଅଲ୍ଲାଃ ତାଲା ହିଁ ଯଥେଷ୍ଟ ଅଟନ୍ତି । ପରିଶେଷରେ ହଜ୍‌ରତ୍ ମୁଆୱିୟା କହିଲେ ଯେ, ଯଦି ଆପଣ ମୋ ପରାମର୍ଶକୁ ସ୍ୱୀକାର କରୁନାହାନ୍ତି ତାହେଲେ ଅନ୍ତତଃ ଆପଣ ଏତିକି ଦୟା କରନ୍ତୁ ଯେ, ଖଳ ଓ ଦୁଷ୍ଟ ବ୍ୟକ୍ତିମାନଙ୍କ ମନରେ ଯେଉଁ ଆଶଙ୍କା ରହିଛି ଯେ, ଆପଣଙ୍କ ଅନ୍ତେ ବଡ଼ ବଡ଼ ସାହାବାମାନେ ଆପଣଙ୍କ ଦାୟିତ୍ୱଭାର ଗ୍ରହଣ କରିନେବେ । ଅତଏବ ସେମାନେ ଅର୍ଥାତ ବିଦ୍ରୋହୀମାନେ ଏହି ବଡ଼ ବଡ଼ ସାହାବାମାନଙ୍କର ନାମ ଧରି ଲୋକମାନଙ୍କୁ ଭ୍ରମରେ ପକାଉଥିଲେ । ତେଣୁ ଆପଣ ଏହି ସମସ୍ତ ସାହାବାମାନଙ୍କୁ ମଦିନାରୁ ଅନ୍ୟ ଦେଶକୁ ପ୍ରବାଶ କରିବାକୁ ଅନୁମତି ପ୍ରଦାନ କରନ୍ତୁ କାରଣ ଏପରି କରିବା ଦ୍ୱାରା ଦୁଷ୍ଟମାନଙ୍କର ଆଶା ଓ ଆକାଂକ୍ଷା ଧୂଳିସାତ ହୋଇଯିବ ଏବଂ ସେମାନେ ଏହା ଭାବିବେ ଯେ, ସେମାନେ ଆପଣଙ୍କ ସହିତ ଯୁଦ୍ଧ କରିଲେ ଲାଭ ମିଳିବ ? ଯଦିଓ ଅନ୍ୟପଟରେ ଆପଣଙ୍କ ଅନ୍ତେ ମଦିନାରେ ଏ କାମକୁ ସମ୍ଭାଳିବା ବାଲା ଆଉ କେହି ନାହାନ୍ତି । କିନ୍ତୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ମୁଆୱିୟାଙ୍କର ଏହି କଥାକୁ ମଧ୍ୟ ସ୍ୱୀକାର କଲେନାହିଁ ଏବଂ କହିଲେ ଯେ, ଏହା କିପରି ସମ୍ଭବ ହୋଇପାରିବ ଯେ ଯେଉଁ ଲୋକମାନଙ୍କୁ ରସୁଲେ କରିମ୍ ସ:ଆ:ସ ଏକତ୍ରିତ କରିଛନ୍ତି ମୁଁ ସେମାନଙ୍କୁ ନିର୍ବାସିତ କରିବି ମତେ ନିର୍ବାସିତ କରିବାର କୌଣସି ଅଧିକାର ନାହିଁ । ମୁଆୱିୟା ର:ଅ ଉକ୍ତ କଥାକୁ ଶୁଣି କାନ୍ଦି ପକାଇଲେ ଏବଂ କହିଲେ, ଯଦି ଆପଣ ଏପରି କରିପାରିବେ ନାହିଁ ତାହେଲେ ଆପଣ ଅନ୍ତତଃ ଏତିକି ଘୋଷଣା କରିଦିଅନ୍ତୁ ଯେ, ମୋ ରକ୍ତର ପ୍ରତିଶୋଧ ମୁଆୱିୟା ନେବ । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, ଏହା ହେଉଛି ତୁମ ସ୍ୱଭାବର ଚଚଂଳତା ଏବଂ କଠୋରତା କାରଣ ମୁଁ ତୁମର ଏଭଳି ଚଂଚଳ ଏବଂ କଠୋର ସ୍ୱଭାବ ପ୍ରତି ଭୟ ପ୍ରକାଶ କରୁଛି ଯେ, ମୁସଲମାନମାନଙ୍କ ଉପରେ ତୁମେ ଯେପରି କଠୋରତା ପ୍ରଦର୍ଶନ ନ କର । ତେଣୁ ମୁଁ ଏହି ଘୋଷଣାଟି ମଧ୍ୟ କରିପାରିବି ନାହିଁ । ବର୍ତମାନ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ସପକ୍ଷରେ ଏହିକଥା କୁହାଯାଏ ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସ୍ୱଭାବ ଶାନ୍ତ ଏବଂ ଧୀର ଥିଲା ଏବଂ ହୃଦୟ ଅତ୍ୟନ୍ତ ଦୁର୍ବଳ ଥିଲା କିନ୍ତୁ ତୁମେମାନେ ନିଜେ ହିଁ କୁହ ଯେ, ଏହିପରି ସାହାସିକତା କେତେ ଜଣ ଲୋକ ପ୍ରଦର୍ଶନ କରିପାରିବ ? ଏବଂ କଣ ଏହା କୁହାଯାଇ ପାରିବ ଯେ, ଏହି ସମସ୍ତ ଘଟଣା ଘଟିବା ସମୟରେ ହିଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ମନରେ ଟିକିଏ ବି ଭୟ ରହିଥିଲା ? ଯଦି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ମୃତ୍ୟୁର ଭୟ ଥାଆନ୍ତା ତାହେଲେ ସେ ନିଜ ସୈନ୍ୟଦଳକୁ ଆଦେଶ ଦେଇଥାନ୍ତେ ଯେ, ମୋ ସୁରକ୍ଷା ପାଇଁ ଆପଣ ସିରୀୟା ସୈନ୍ୟଦଳ ପ୍ରେରଣ କରିଦିଅନ୍ତୁ ମୁଁ ସେମାନଙ୍କୁ ଦରମା ଦେବି, ଯଦି ହଜ୍‌ରତ୍ ଉସ୍‌ମାନ୍ ର:ଅ ଭୟ କରିଥାନ୍ତେ ତାହେଲେ ସେ କହିପାରିଥାନ୍ତେ ଯେ ମୋ ଉପରେ ଯଦି କୌଣସି ବ୍ୟକ୍ତି ହାତ ଉଠାଏ ତେବେ ସେ ମନେ ରଖୁ ଏବଂ ଶୁଣି ରଖୁ ଯେ, ମୋ ହତ୍ୟାର ପ୍ରତିଶୋଧ ହଜ୍‌ରତ୍ ମୁଆୱିୟା ର:ଅ ନେବେ । କିନ୍ତୁ ହଜ୍‌ରତ୍ ଉସ୍‌ମାନ୍ ର:ଅ କୌଣସି ଉତର କିମ୍ବା ପ୍ରତିକ୍ରିୟା ଦେଇନଥିଲେ ବରଂ ଏତିକି କହିଥିଲେ, ହେ ମୁଆୱିୟା ! ତୁମର ସ୍ୱଭାବ ଟିକିଏ ଚଂଚଳ ଏବଂ କଠୋରତା ପରିଲକ୍ଷ ହେଉଛି କାରଣ ମୁଁ ଆଶଙ୍କା କରୁଛି ତୁମେ ନିଜର ଏହିପରି ସ୍ୱଭାବ ଯୋଗୁଁ ଲୋକମାନଙ୍କ ଉପରେ କଠୋରତା ପ୍ରଦର୍ଶନ ନ ହୋଇଯାଉ । ତେଣୁ ମୁଁ ତୁମକୁ ଏ ଅଧିକାର ଦେଇପାରିବି ନାହିଁ । ପରିଶେଷରେ ଶତୃମାନେ ଯେତେବେଳେ ପାଚେରୀ ଉପରୁ ଲମ୍ଫମାରି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଘର ଭିତରକୁ ପଶି ଆସିଲେ, ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଉପରେ ଆକ୍ରମଣ କଲେ ସେତେବେଳେ ଆପଣ ନିର୍ଭୟରୂପେ କୁର୍‌ଆନେ କରିମ୍ ଆବୃତି କରୁଥିଲେ । ଏପରି କି ଅବୁବକର ର:ଅଙ୍କ ପୁତ୍ର ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଦାଢ଼ିକୁ ଧରି ଏତେ ଜୋର୍‌ରେ ଝିଙ୍କିଲା ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ତା ଆଡ଼କୁ ଚାହିଁ କହିଥିଲେ ହେ ମୋର ଭାଇଙ୍କ ପୁତ୍ର ! ଯଦି ତୁମର ପିତା ଏବେ ଜୀବିତ ଥାନ୍ତେ ତାହେଲେ ତୁମେ କଦାପି ଏପରି ଆକ୍ରମଣ ପ୍ରଦର୍ଶନ କରିନଥାନ୍ତେ । ଏହା ଶୁଣି ଅବୁବକର ର:ଅଙ୍କ ପୁତ୍ରର ଆପାଦ ମସ୍ତକ ପ୍ରକମ୍ପିତ ହେବାକୁ ବା ଥରିବାକୁ ଲାଗିଲା ଏବଂ ସେ ଅନୁତପ୍ତ ହୋଇ ସେଠାରୁ ଫେରି ଯାଇଥିଲେ । ଏହାପରେ ଅନ୍ୟ ଏକ ବ୍ୟକ୍ତି ଆଗକୁ ବଢ଼ିଲା ଏବଂ ଏକ ଲୌହ ଛଡ଼ ଦ୍ୱାରା ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ମୁଣ୍ଡ ଉପରକୁ ପ୍ରହାର କଲା ଏବଂ ପବିତ୍ର କୁର୍‌ଆନ୍ କରିମ୍‌କୁ ଗୋଇଠା ମାରି

ଅନ୍ୟତ୍ର ଫିଙ୍ଗି ଦେଲା । ତା'ପରେ ଆଉ ଜଣେ ବ୍ୟକ୍ତି ଆଗକୁ ଆସିଲା ଏବଂ ତରବାରୀ ଦ୍ୱାରା ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଉପରେ ପ୍ରହାର କରି ତାଙ୍କୁ ଶହୀଦ କରିଦେଇଥିଲା । ଅତଏବ ଉପରୋକ୍ତ ସମସ୍ତ ଘଟଣାକୁ ଅନୁଧ୍ୟାନ କଲେ କିଏ ବା କହିପାରିବ ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ଏହି ସମସ୍ତ ଘଟଣା ଯୋଗୁଁ ଭୟଭୀତ ଥିଲେ । ***(ଖିଲାଫତେ ରାଶ୍‌ଦାଃ, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୧୫, ପୃ-୫୩୬-୫୩୭)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆସିଲେ ଏବଂ ସେହି ରୂପରେ ଆବିର୍ଭାବ ହୋଇଥିଲେ ଯେଉଁ ରୂପରେ ହଜ୍‌ରତ୍ ନୁହ୍ ଆ:ସ, ଦାଉଦ୍ ଆ:ସ, ସୁଲେମାନ୍ ଆ:ସ ଏବଂ ଅନ୍ୟାନ୍ୟ ନବୀମାନେ ଅବତୀର୍ଣ୍ଣ ହୋଇଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପରେ ମଧ୍ୟ ଏହିପରି ଖିଲାଫତ୍‌ର ପରମ୍ପରା ଆରମ୍ଭ ହୋଇଯାଇଥିଲା । ଯେଉଁଭଳି ପୂର୍ବ ଅମ୍ବିୟା ବା ନବୀ ବା ଅବତାରମାନଙ୍କ ଅନ୍ତେ ଖିଲାଫତ୍‌ର ପରମ୍ପରା ସ୍ଥାପିତ ହୋଇଥିଲା । ଯଦି ଆମ୍ଭେ ସଦ୍‌ବୁଦ୍ଧି ସହିତ ଅବଲୋକନ କରିବା ଏବଂ ତାହାର ବାସ୍ତବତାକୁ ଚିହ୍ନିବାପାଇଁ ଚେଷ୍ଟା କରିବା ତାହେଲେ ଆମେମାନେ ଜାଣିପାରିବା ଯେ ଏହି ଖିଲାଫତ୍‌ର ପରମ୍ପରା ହେଉଛି ଏକ ସର୍ବପୁରାତନ ଭବ୍ୟ ପରମ୍ପରା ବରଂ ମୁଁ କହୁଛି ଯେ, ଯଦି ଏହି ପରମ୍ପରାର ସ୍ଥାପନ ପାଇଁ ଦଶହଜାର ପିଢ଼ୀର ଲୋକେ ନିଜକୁ ଉତ୍ସର୍ଗ କରି ଦିଅନ୍ତି ତାହେଲେ ସେମାନଙ୍କର ଅସ୍ତିତ୍ୱ ଖିଲାଫତ୍ ତୁଳନାରେ ନଗଣ୍ୟ ଏବଂ ଛାର ହେବ । ମୁଁ ଅନ୍ୟମାନଙ୍କର ସମ୍ପର୍କରେ ତ ଜାଣିନାହିଁ କିନ୍ତୁ ମୁଁ ଅନ୍ୟୁନ୍ୟ ମୋ ସମ୍ପର୍କରେ ଏତିକି ଜାଣେ ଯେ, ରସୁଲେ କରିମ୍ ସ:ଆ:ସଙ୍କ ଯୁଗର ଇତିହାସକୁ ଅନୁଧ୍ୟାନ କରିବା ଓ ଅଧ୍ୟୟନ କରିବାପରେ ଯେତେବେଳେ ମୁଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଉପରେ ପଡ଼ିଥିବା ବିପତି ଉପରେ ଦୃଷ୍ଟିପାତ କରେ ସେତେବେଳେ ମୁଁ ସେହି ଆଲୋକ ବର୍ତିକା ଏବଂ ଆଧ୍ୟାତ୍ମିକତାକୁ ଅବଲୋକନ କରିଥାଏ ଯେଉଁ ଆଲୋକ ଏବଂ ନୂର୍‌କୁ ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କଠାରେ ସୃଷ୍ଟି କରିଥିଲେ । ମୁଁ କହୁଛି ପୃଥିବୀରେ ମୋର ଯଦି ଦଶହଜାର ପିଢ଼ି ସୃଷ୍ଟି ହୁଅନ୍ତେ ଏବଂ ସେହି ସମସ୍ତ ପିଢ଼ିକୁ ଗୋଟିଏ ସ୍ଥାନରେ ଉକ୍ତି ବିଭ୍ରାଟକୁ ଶେଷ କରି ଦେବାପାଇଁ ଏକ ସମୟରେ ବଳି ପକାଇ ଦିଆଯାଇଥାନ୍ତା, ତାହେଲେ ମଧ୍ୟ ସେହି ଉପଦ୍ରବ ଓ ବିପତିକୁ ଏଡ଼ାଇ ଦିଆଯାଇ ପାରିନଥାନ୍ତା । ମୁଁ ଭାବୁଛି ଯେ ଏପରି ବଳିଦାନ ଦେବାର ଅର୍ଥ ଉକୁଣୀ ଦେଇ ହାତୀ କ୍ରୟ କରିବାର ସହିତ ସମାନ ଅଟେ (ଅର୍ଥାତ ଅତି କ୍ଷୁଦ୍ର ବସ୍ତୁ ଯଥା ଉକୁଣୀ ଭଳି ଏକ ତୁଚ୍ଛ ଜୀବ ଦେଇ ବିଶାଳକାୟ ଜୀବ କ୍ରୟ କରିବା ସହିତ ତୂଲ୍ୟ ଅଟେ) ବରଂ ଉକ୍ତ ବ୍ୟାପାରଟି ଅତ୍ୟନ୍ତ ଶସ୍ତା ବ୍ୟାପାର ଅଟେ । ବାସ୍ତବପକ୍ଷେ କହିବାକୁ ଗଲେ, ଆମେମାନେ କୌଣସି ବସ୍ତୁର ମୂଲ୍ୟ ତାହାର ଅନୁପସ୍ଥିତିରେ ହିଁ ବୁଝିଥାଉ କିମ୍ବା ହୃଦୟଙ୍ଗମ କରିଥାଉ ଯେ, ଉକ୍ତ ବସ୍ତୁର ପ୍ରକୃତ ମୂଲ୍ୟ କଣ ରହିଛି ? ***(ନବୁଓ୍ୱ ଅଓର୍ ଖିଲାଫତ୍ ଅପ୍‌ନେ ଓ୍ୱକ୍‌ତ ପର୍ ଜହୁର୍ ପଜିର୍ ହୋ ଜାତି ହୈ, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୧୮, ପୃ-୨୪୬)***

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଶାହାଦତ୍‌ର ପରେ ହିଁ ଖିଲାଫତ୍‌ର ମହତ୍ୱକୁ ହୃଦୟଙ୍ଗମ ଏବଂ ଉପଲବ୍ଧି କରାଯାଇପାରିବ ଯେ ଖିଲାଫତ୍‌ର ପ୍ରକୃତ ମହତ୍ୱ ଏବଂ ମର୍ଯ୍ୟାଦା କଣ ଅଟେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି, ହଜ୍‌ରତ୍ ଉମର୍ ର:ଅଙ୍କ ପରେ ସମସ୍ତ ସାହାବାଙ୍କ ଦୃଷ୍ଟି ଖିଲାଫତ୍ ଆସନରେ ଅଧିଷ୍ଠିତ ହେବାପାଇଁ ଅର୍ଥାତ ବସିବାପାଇଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଉପରେ ପଡ଼ିଥିଲା ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅ ବଡ଼ ବଡ଼ ସାହାବାମାନଙ୍କର ପରାମର୍ଶ କ୍ରମେ ଉକ୍ତ କାର୍ଯ୍ୟ ପାଇଁ ନିର୍ବାଚିତ ହୋଇଥିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କର ଜାମାତା ବା ଜ୍ୱାଇଁ ଥିଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ପରେ ଗୋଟିଏ ନିଜର ଦୁଇଜଣ ଝିଅଙ୍କୁ ତାଙ୍କ ସହିତ ବିବାହ କରିଦେଇଥିଲେ ଏବଂ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱିତୀୟ କନ୍ୟାଙ୍କ ବିୟୋଗ ଘଟିଥିଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ କହିଲେ, ହେ ଉସ୍‌ମାନ୍! ମୋର ଯଦି ଆଉ ଝିଅ ଥାଆନ୍ତେ ତାହେଲେ ମୁଁ ତାହାକୁ ମଧ୍ୟ ଆପଣଙ୍କୁ ବିବାହ ଦେଇଥାଆନ୍ତି । ତହିଁରୁ ଏହା ଅନୁମିତ ହୁଏ ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ଦୃଷ୍ଟିରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର କେଉଁ ପ୍ରକାରର ମର୍ଯ୍ୟାଦା ପ୍ରାପ୍ତ ଥିଲା । ମକ୍କାବାସୀଙ୍କ ଦୃଷ୍ଟିରେ ତାଙ୍କୁ ଏକ ବିଶେଷ ମର୍ଯ୍ୟାଦା ଥିଲା । ଆରବର ସେହି କାଳର ପରିସ୍ଥିତି ଅନୁଯାୟୀ ସେ ଅତ୍ୟନ୍ତ ଧନୀକ ବ୍ୟକ୍ତି ଥିଲେ । ହଜ୍‌ରତ୍ ଅବୁବକର୍ ର:ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାପରେ ଯେଉଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଇସ୍‌ଲାମ୍‌ର ତବ୍‌ଲିଗ୍ (ପ୍ରଚାର) ପାଇଁ ନିର୍ବାଚିତ କରିଥିଲେ ତନ୍ମଧ୍ୟରୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ଜଣେ ଥିଲେ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଉପରେ ହଜ୍‌ରତ୍ ଅବୁବକର ର:ଅଙ୍କ ଭରଷା କରିବା ଭୁଲ୍ ପ୍ରମାଣିତ ହେଲାନାହିଁ ବରଂ କିଛି ଦିନର ତବ୍‌ଲିଗ୍ ଦ୍ୱାରା ହଜ୍‌ରତ୍ ଉସ୍‌ମାନ୍ ର:ଅ ଇସ୍‌ଲାମ୍ ଧର୍ମକୁ ଆଦରି ନେଲେ ଏବଂ ଏହିପରି ଅସ୍‌ସାବିକୁନଲ୍ ଅୱୱଲୁନା ଅର୍ଥାତ ଇସ୍‌ଲାମ୍ ଧର୍ମରେ ଦିକ୍ଷିତ ହୋଇଥିବା ସର୍ବପ୍ରଥମ ଗୋଷ୍ଠୀରେ ସାମିଲ ହେଲେ । ଯେଉଁମାନଙ୍କ ସମ୍ପର୍କରେ କୁର୍‌ଆନେ୍ କରିମ୍ ପ୍ରଶଂସାମୂଳକ ଶବ୍ଦରେ ପ୍ରକାଶ କରିଛି । ଏହି ମର୍ଯ୍ୟାଦାବନ୍ତ ପୁରୁଷଙ୍କୁ ଆରବରେ ଯେଉଁ ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା ତାହାର ଆକଳନ ଏହି ଘଟଣାରୁ ହିଁ ଅନୁମିତ ହୋଇଯାଇଥାଏ । ଏକ ସ୍ୱପ୍ନ ଯୋଗୁଁ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ମକ୍କା ଆସିଲେ ଏବଂ ମକ୍କାବାସୀ ବୈରାଗ୍ୟ ଏବଂ ଈର୍ଷାରେ ଅନ୍ଧ ହୋଇଯାଇଥିଲେ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଉମ୍‌ରା କରିବାକୁ ଅନୁମତି ଦେଲେନାହିଁ, ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କୁ ପ୍ରସ୍ତାବ ଦେଲେ ଯେ, କୌଣସି ବିଶେଷ ବ୍ୟକ୍ତିଙ୍କୁ ମକ୍କାବାସୀମାନଙ୍କ ନିକଟରେ ଉକ୍ତ ପ୍ରସଙ୍ଗ ଉପରେ କଥୋପକଥନ କରିବାପାଇଁ ପ୍ରେରଣ କରାଯାଉ ଅତଏବ ଉକ୍ତ କାର୍ଯ୍ୟ ନିମନ୍ତେ ହଜ୍‌ରତ୍ ଉମର୍ ର:ଅଙ୍କୁ ନିର୍ବାଚିତ କରାଯାଇଥିଲା । ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ଯେ, ହେ ଅଲ୍ଲାଃଙ୍କର ବାର୍ତାବହ! ମୁଁ ତ ଯିବାକୁ ପ୍ରସ୍ତୁତ ଅଛି କିନ୍ତୁ ମକ୍କାର ଲୋକମାନଙ୍କ ସହିତ ଯଦି କିଏ ବାର୍ତାଳାପ କରିପାରିବେ ତାହେଲେ ସେ ହେଉଛନ୍ତି ହଜ୍‌ରତ୍ ଉସ୍‌ମାନ୍ ର:ଅ । କାରଣ ଲୋକମାନଙ୍କ ଦୃଷ୍ଟିରେ ତାଙ୍କୁ ବିଶେଷ ମର୍ଯ୍ୟାଦା ରହିଛି । ଅତଏବ ଯଦି କୌଣସି ଦ୍ୱିତୀୟ ବ୍ୟକ୍ତି ସେମାନଙ୍କ ନିକଟକୁ ଯାଏ ତେବେ ତାଙ୍କର ସେତେମାତ୍ରାରେ ସଫଳତା ମିଳି ପାରିବ ନାହିଁ । ଯେତେ ମାତ୍ରାରେ ସଫଳତା ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ମିଳିବାର ଆଶା ରହିଛି । ଅତଏବ ହଜ୍‌ରତ୍ ଉମର୍ ର:ଅଙ୍କ ଉକ୍ତ କଥାକୁ ଆଁ ହଜ୍‌ରତ୍ ସ:ଆ:ସ ସଠିକ୍ ବୋଲି ମନେକଲେ ଏବଂ ତାଙ୍କୁ ହିଁ ଅର୍ଥାତ ଉସ୍‌ମାନ୍ ର:ଅଙ୍କୁ ଉକ୍ତ କାର୍ଯ୍ୟପାଇଁ ମକ୍କା ପ୍ରେରଣ କରିଦେଇଥିଲେ । ଉକ୍ତ ଘଟଣାରୁ ପତିତ ହୁଏ ଯେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଅବିଶ୍ୱାସକାରୀମାନଙ୍କ ନିକଟରେ କେତେ ମର୍ଯ୍ୟାଦା ପ୍ରାପ୍ତ ଥିଲା । ସେହି ଅବିଶ୍ୱାସକାରୀମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ସମ୍ମାନ ଦୃଷ୍ଟିରେ ରଖୁଥିଲେ ।

ତେଣୁ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ବହୁତ ସମ୍ମାନ ଜଣାଉଥିଲେ । ଏକଦା ଆଁ ହଜ୍‌ରତ୍ ସ:ଆ:ସ ସଜ୍ୟାରେ ବିଶ୍ରାମ କରୁଥିଲେ, ହଜ୍‌ରତ୍ ଅବୁବକର ର:ଅ ଆସିଲେ ଏବଂ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ସେହିପରି ସଜ୍ୟାରେ ଅବିଚଳ ରହିଲେ । ଏହାପରେ ଯେତେବେଳେ ହଜ୍‌ରତ୍ ଉମର ର:ଅ ଆସିଲେ ସେତେବେଳେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସ ସେହିପରି ଅବିଚଳ ରହିଲେ । ପୁନଶ୍ଚ ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଆସି ପହଂଚିଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ନିଜର ବସ୍ତ୍ରକୁ ସଜାଡ଼ି ଉଠିପଡ଼ିଲେ ଏବଂ କହିଲେ, ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସ୍ୱଭାବରେ ଅଧିକ ଲଜ୍ୟାଭାବ ରହିଛି ତେଣୁ ମୁଁ ତାଙ୍କର ଏହିଭଳି ମାନସିକତା ଏବଂ ସ୍ୱଭାବ ପ୍ରତି ସମ୍ମାନ ଜଣାଏ । ହଜ୍‌ରତ୍ ଉସ୍‌ମାନ୍ ର:ଅ ହେଉଛନ୍ତି ଏହିଭଳି ଦୁର୍ଲଭ ବ୍ୟକ୍ତି ଯିଏ ଇସ୍‌ଲାମ୍‌ର ପୂର୍ବରୁ ମଧ୍ୟ ମଦ୍ୟପାନ କରିନଥିଲେ, ବ୍ୟଭିଚାରରେ ଲିପ୍ତ ନଥିଲେ ସୁତରାଂ ଏହା ହେଉଛି ସେହି ବିଶିଷ୍ଟ ଲକ୍ଷଣ ଏବଂ ଗୁଣାବଳୀ ଯାହା ଆରବରେ ଦୁର୍ଲଭ ଥିଲା ବରଂ ଆରବରେ ମଦ୍ୟପାନ କରିବାକୁ ଗୌରବ ବୋଲି ମନେ କରାଯାଉଥିଲା ଏବଂ ବ୍ୟଭିଚାରକୁ ଦୈନନ୍ଦିନର ଚର୍ଯ୍ୟା ବୋଲି ମନେ କରାଯାଉଥିଲା । ଇସ୍‌ଲାମ୍ ପୂର୍ବରୁ କେତେକ ଲୋକଙ୍କୁ ଛାଡ଼ି ଦେଲେ ଅନ୍ୟ ସମସ୍ତଙ୍କ ଉପରେ ଏହିଭଳି ଗୁଣ ପରିଲକ୍ଷିତ ହୋଇଥିଲା ଅର୍ଥାତ ସମସ୍ତଙ୍କ ନିକଟରେ ମଦ୍ୟପାନ କରିବା ଓ ବ୍ୟଭିଚାରରେ ଲିପ୍ତ ରହିବା ଏକ ସାଧାରଣ କଥା ଥିଲା ଏବଂ ଯେଉଁମାନେ ମଦ୍ୟପାନ ଏବଂ ବ୍ୟଭିଚାର ଆଦି ଜଘନ୍ୟ ଅପରାଧ କରୁନଥିଲେ ସେମାନଙ୍କ ସଂଖ୍ୟା ବହୁତ କମ୍ ଥିଲା । ଅତଏବ ହଜ୍‌ରତ୍ ଉସ୍‌ମାନ୍ ର:ଅ କୌଣସି ସାଧାରଣ ବ୍ୟକ୍ତି ନଥିଲେ ବରଂ ଉଚ୍ଚକୋଟୀର ଚରିତ୍ରବାନ୍ ବ୍ୟକ୍ତିତ୍ୱର ଅଧିକାରି ଥିଲେ । ସାଂସାରିକ ମର୍ଯ୍ୟାଦା ଦୃଷ୍ଟିରୁ ଦେଖିବାକୁ ଗଲେ ସେ ଜଣେ, ସୁପ୍ରତିଷ୍ଠିତ ବ୍ୟକ୍ତି ଥିଲେ, ସେ ଇସ୍‌ଲାମ୍ ଗ୍ରହଣ କରିବାରେ ମଧ୍ୟ ପ୍ରଥମିକ ବ୍ୟକ୍ତିଙ୍କ ମଧ୍ୟରେ ସାମିଲ ଥିଲେ । ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଉପରେ ଅତିପ୍ରସନ୍ନ ଥିଲେ ଏବଂ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ସେହି ଛଅଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ବୋଲି ବିବେଚିତ କରିଥିଲେ ଯାହାଙ୍କ ଉପରେ ରସୁଲେ କରିମ୍ ସ:ଆ:ସ ମୃତ୍ୟୁ ସମୟ ପର୍ଯ୍ୟନ୍ତ ଏକ ବିଶେଷ ଧରଣର ପ୍ରସନ୍ନତା ପ୍ରାପ୍ତ ଥିଲା । ହଜ୍‌ରତ୍ ଉସ୍‌ମାନ୍ ର:ଅ ଅଶ୍ରା ମୁବଶ୍‌ରାଙ୍କ ମଧ୍ୟରୁ ଜଣେ ଅଟନ୍ତି । ଅର୍ଥାତ ସେହି ଦଶଜଣ ବ୍ୟକ୍ତି ଯେଉଁମାନଙ୍କୁ ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କ ଜୀବନରେ ହିଁ ବୈକୁଣ୍ଠଗାମୀ ହେବାର ଶଭୁ ସମ୍ବାଦ ଦେଇସାରିଥିଲେ" । ***(ଇସ୍‌ଲାମ୍ ମେଁ ଇଖ୍‌ତିଲାଫାତ୍ କା ଆଗାଜ୍, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୪, ପୃ-୨୫୧-୨୫୩)***

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଶାହାଦତ୍‌ର ଦିନ ସମ୍ପର୍କରେ କୁହାଯାଏ ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ୩୫ ହିଜ୍‌ରୀରେ ଜୁଲ୍ ହଜ୍ଜା ମାସ ୧୭ ବା ୧୮ ତାରିଖ ଶୁକ୍ରବାର ଦିନ ଶହୀଦ ହୋଇଥିଲେ । ଅବୁ ଉସ୍‌ମାନ୍ ନହଦିଙ୍କ ଅନୁଯାୟୀ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଶାହାଦତ୍ ଅୟାମେ ତଶ୍‌ରିକ୍ ଦିନର ମଧ୍ୟବର୍ତୀ ଦିନରେ ହୋଇଥିଲା ଅର୍ଥାତ ୧୨ ଜୁଲ୍‌ହଜ୍ଜା ଦିନ କିନ୍ତୁ ଇବ୍‌ନେ ଇସହାକ୍‌ଙ୍କ ଅନୁଯାୟୀ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଶାହାଦତ୍‌ର ଘଟଣା ହଜ୍‌ରତ୍ ଉମର୍ ର:ଅଙ୍କ ଶହୀଦର ଘଟଣାଠାରୁ ୧୧ ବର୍ଷ ଏଗାର ମାସ ଓ ୨୨ ଦିନ ପରେ ଘଟିଥିଲା ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିୟୋଗର ୨୫ ବର୍ଷ ପରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଶହୀଦ ହୋଇଥିଲେ ।

***(ଅଲ୍‌ଇସ୍‌ତିୟାବ..... ଖଣ୍ଡ-୩, ପୃ-୧୫୯, ଉସ୍‌ମାନ୍ ବିନ୍ ଅଫାନ୍ ...... ବେରୁତ ୨୦୦୨)***

ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ଅବ୍‌ଦୁଲ୍ଲାଃ ବିନ୍ ଅମ୍‌ରୋ ବିନ୍ ଉସ୍‌ମାନ୍ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ୩୬ ହିଜ୍‌ରୀ ଜୁଲ୍‌ହଜ୍ଜା ମାସ ୧୮ ତାରିଖ ଓ ଶୁକ୍ରବାର ଦିନ ନମାଜ ଅସର ପରେ ୮୨ ବର୍ଷ ବୟସରେ ଶହୀଦ ହୋଇଥିଲେ । ଶାହାଦତ୍ ବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ରୋଜା ରଖିଥିଲେ । ଅବୁ ମାଆଶର୍‌ଙ୍କ ନିକଟରେ ଶାହାଦତ୍ ବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୪୨-୪୩.... ବେରୁତ ୧୯୯୬)***

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଅନ୍ତେଷ୍ଟିକ୍ରୀୟା ଏବଂ ଶେଷକୃତ୍ୟ ସମ୍ପର୍କରେ ନିଆର୍ ବିନ୍ ମୁକ୍‌ରିମ୍ ବର୍ଣ୍ଣନା କରନ୍ତି ଯେ, ଶନିବାର ଦିନ ରାତ୍ର ସମୟ ଓ ମଗ୍‌ରିବ୍ ଓ ଇଶାର ମଧ୍ୟବର୍ତୀ ସମୟରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଶବକୁ ଆମେମାନେ ଚାରିଜଣ ବ୍ୟକ୍ତି କାନ୍ଧେଇ ଥିଲୁ । ସେହି ଚାରିଜଣ ହେଉଛନ୍ତି ଜୁବୈର୍ ବିନ୍ ମୁତିମ୍, ହକିମ୍ ବିନ୍ ହିଜାମ୍, ଅବୁଜୁହମ୍ ବିନ୍ ହୁଜୈଫା ଓ ମୁଁ ନିଆଜ୍ ବିନ୍ ମକରିମ୍ । ହଜ୍‌ରତ୍ ଜୁବୈର୍ ବିନ୍ ମୁତମ୍ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ନମାଜ ଜନାଯାଃ ପଢ଼ାଇଥିଲେ । ହଜ୍‌ରତ୍ ମୁଆୱିୟା ଉକ୍ତ କଥାରେ ପୁଷ୍ଟି କରିଥିଲେ ଯେ ଏହି ଚାରିଜଣ ବ୍ୟକ୍ତି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ କବର ଭିତରକୁ ମଧ୍ୟ ଓହ୍ଲାଇଥିଲେ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଜୁବୈର୍ ବିନ୍ ମୁତଇମ୍ ୧୬ ଜଣ ବ୍ୟକ୍ତିଙ୍କ ସହିତ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ନମାଜ ଜନାଯାଃ ପଢ଼ାଇଥିଲେ । ଅଲାମା ଇବ୍‌ନେ ସାଆଦ୍‌ଙ୍କର କଥନ ଅନୁଯାୟୀ ପ୍ରଥମ ବର୍ଣ୍ଣନାଟି ସଠିକ୍ ଅଟେ ଅର୍ଥାତ ଚାରିଜଣ

ବ୍ୟକ୍ତିଙ୍କ ସମ୍ପର୍କରେ ଯେଉଁ ବର୍ଣ୍ଣନା ବର୍ଣ୍ଣିତ ହୋଇଛି ଯେ, ଚାରିଜଣ ବ୍ୟକ୍ତି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ନମାଜ ଜନାଯାଃ ପଢ଼ିଥିଲେ । ***(ତବକାତୁଲ୍ କୁବ୍‌ରା...... ଖଣ୍ଡ-୩, ପୃ-୪୩......ବେରୁତ ୧୯୯୬)***

ଅବ୍‌ଦୁଲ୍ଲା ବିନ୍ ଉମ୍‌ରେ ବିନ୍ ଉସ୍‌ମାନ୍ ର:ଅ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଶନିବାର ଦିନ ମଗ୍‌ରିବ ଓ ଇଶାର ମଧ୍ୟବର୍ତୀ ସମୟରେ ରାତ୍ରବେଳା ହଶ୍ କୌକବ୍‌ରେ କବର ଦିଆଯାଇଥିଲା । ରବିଇ ବିନ୍ ମାଲିକ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ ଲୋକମାନଙ୍କର ପ୍ରବଳ ଆଗ୍ରହ ରହୁଥିଲା ଯେ ସେମାନେ ନିଜର ମୃତକଙ୍କୁ ହଶ୍ କୌକବ୍‌ରେ କବର ଦେବାପାଇଁ ପସନ୍ଦ କରୁଥିଲେ । ହଶ୍ କହିଲେ ଏକ କ୍ଷୁଦ୍ର ଉଦ୍ୟାନକୁ ବୁଝାଏ ଏବଂ କୌକବ୍ କୁ କହିଲେ ଏକ ଅନ୍‌ସାରୀ ବ୍ୟକ୍ତିର ନାମକୁ ବୁଝାଏ ଯେଉଁ ବ୍ୟକ୍ତିର ଉକ୍ତ ଉଦ୍ୟାନଟି ଥିଲା । ଉକ୍ତ ଉଦ୍ୟାନଟି ଜନ୍ନତୁଲ୍ ବକିର ଅତି ନିକଟବର୍ତୀ ଉଦ୍ୟାନ ଥିଲା । ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅପ୍‌ଫାନ୍ ର:ଅ କହୁଥିଲେ ଯେ, ଜଣେ ପୂଣ୍ୟବାନ୍ ବ୍ୟକ୍ତିର ଅତି ନିକଟବର୍ତୀ ସମୟରେ ମୃତ୍ୟୁ ଘଟିବ ଏବଂ ତାକୁ ସେଠାରେ କବର ଦିଆଯିବ ଅର୍ଥାତ ହଶ୍ କୌକବ୍ ଉଦ୍ୟାନରେ ଏବଂ ଲୋକମାନେ ତାକୁ ଅନୁକରଣ କରିବେ । ମାଲିକ୍ ବିନ୍ ଅବୁ ଅମୀର ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ହିଁ ସେହି ପ୍ରଥମ ବ୍ୟକ୍ତି ଅଟନ୍ତି ଯାହାଙ୍କୁ ଉକ୍ତ ଉଦ୍ୟାନରେ କବର ଦିଆଯାଇଥିଲା ।

***(ତବକାତୁଲ୍ କୁବ୍‌ରା.... ଖଣ୍ଡ-୩, ପୃ-୪୨-୪୩..... ବେରୁତ ୧୯୯୬) (ଅଲ୍‌ଅସାବାଃ....... ଖଣ୍ଡ-୫, ପୃ-୪୬୮ କୌକବ.........ବେରୁତ ୧୯୯୫)***

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ କବର ଦିଆ ସମ୍ପର୍କରେ ବିଭିନ୍ନ ମତ ରହିଛି ଉପଦ୍ରବୀ ଓ ବିଦ୍ରୋହୀମାନେ ମଧ୍ୟ ତିନିଦିନ ପର୍ଯ୍ୟନ୍ତ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ କବରକୁ ଦେଖିବାକୁ ଦେଇନଥିଲେ । ଅତଏବ ତିବ୍‌ରୀରେ ବର୍ଣ୍ଣିତ ହୋଇଛି ଯେ, ଅବୁ ବଶିର୍ ଆବିଦି ବର୍ଣ୍ଣନା କରନ୍ତି ଯେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଶବକୁ ତିନିଦିନ ପର୍ଯ୍ୟନ୍ତ କବର ଦିଆଯାଇ ପାରି ନ ଥିଲା । ଏହାପରେ ହଜ୍‌ରତ୍ ହକିମ୍ ବିନ୍ ହିଜାମ୍ ଓ ହଜ୍‌ରତ୍ ଜୁବୈର୍ ବିନ୍ ମୁତ୍‌ଅମ୍, ହଜ୍‌ରତ୍ ଅଲୀ ର:ଅଙ୍କୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ କବର ଦେବା ପ୍ରସଙ୍ଗରେ କହିଥିଲେ । ସେମାନେ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ ଯେ, ଆପଣ ହିଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପରିବାର ବର୍ଗଙ୍କଠାରୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ କବର ଦେବାକୁ ଅନୁମତି ଲୋଡ଼ନ୍ତୁ । ଅତଏବ ହଜ୍‌ରତ୍ ଅଲୀ ର:ଅ ଏହିପରି କଲେ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପରିବାରବର୍ଗ ହଜ୍‌ରତ୍ ଅଲୀ ର:ଅଙ୍କୁ ଅନୁମତି ପ୍ରଦାନ କରିଥିଲେ । ଯେତେବେଳେ ଉପଦ୍ରବୀକାରୀ ମାନଙ୍କୁ ଉକ୍ତ ଖବର ସମ୍ପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ସେମାନେ ପତର ଧରି ରାସ୍ତାରେ ଛିଡ଼ା ହୋଇଗଲେ ଏବଂ ହଜ୍‌ରତ୍ ଉସ୍‌ମାନଙ୍କ ଜନାଯାଃ ସହିତ ତାଙ୍କ ଘରର ଅଳ୍ପ କିଛି ଲୋକ ସାଥିରେ ଗଲେ । ସେମାନେ ମଦିନାର ଏକ ଉଦ୍ୟାନକୁ ଯିବାକୁ ଆଗ୍ରହୀ ଥିଲେ ଯେଉଁ ଉଦ୍ୟାନକୁ ହଶ୍ କୌକବ୍ ବୋଲି କୁହାଯାଉଥିଲା । କାରଣ ଇହୁଦୀମାନେ ସେଠାରେ ନିଜର ମୃତକଙ୍କୁ କବର ଦେଉଥିଲେ । ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଜନାଯାଃ ବାହାରକୁ ବାହାରୁଥିଲା ସେତେବେଳେ ସେହି ଲୋକମାନେ ହିଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ମୃତ ଶରୀର ରଖାଯାଇଥିବା ଖଟିଆ ଉପରକୁ ପଥର ଫିଙ୍ଗିଥିଲେ ଏବଂ ତାଙ୍କର ଜନାଯାଃକୁ ତଳକୁ ଖସାଇ ଦେବା ପାଇଁ ଉଦ୍ୟମ କରୁଥିଲେ । ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ ଉକ୍ତ ସୁଚନା ପ୍ରାପ୍ତ ହେଲା । ସେତେବେଳେ ହଜ୍‌ରତ୍ ଅଲୀ ର:ଅ ସେମାନଙ୍କୁ ବାର୍ତା ପଠାଇ କହିଲେ ଯେ ତୁମେମାନେ ଏପରି କାର୍ଯ୍ୟରୁ ନିବୃତ ରୁହନ୍ତୁ । ଫଳତଃ ସେମାନେ ଉକ୍ତ କାର୍ଯ୍ୟରୁ ନିବୃତ ରହିଲେ । ଅତଏବ ଉକ୍ତ ଜନାଯାଃଟି ନିଜର ଶେଷ ଯାତ୍ରା କରି ହଶ୍ କୌକବ୍ ଉଦ୍ୟାନରେ ପହଂଚିଥିଲା ଯେଉଁଠି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ କବର ଦିଆଯାଇଥିଲା । ଅତଏବ ଯେତେବେଳେ ଅମୀର ମୁଆୱିୟା ସେହି ବିଦ୍ରୋହୀଙ୍କ ଉପରେ ଜୟଲାଭ କଲେ ସେତେବେଳେ ସେ ଆଦେଶ ଦେଲେ ଯେ, ଉକ୍ତ ଉଦ୍ୟାନ ପରିସରର କାନ୍ଥକୁ ଭାଙ୍ଗି ଦିଆଯାଉ । ଏପରି କି ଉକ୍ତ ଉଦ୍ୟାନକୁ ଜନ୍ନତୁଲ୍ ବକି ସହିତ ସାମିଲ କରିଦିଆଯାଇଥିଲା । ସେ ଲୋକମାନଙ୍କୁ ଆଦେଶ ଦେଲେ ଯେ, ନିଜର ମୃତକମାନଙ୍କୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ କବରର ଆଖପାଖରେ କବର ଦିଅନ୍ତୁ । ଏହିଭଳି ସେହି ଉଦ୍ୟାନର ପରିସରଟି ମୁସଲମାନମାନଙ୍କ କବର ସହିତ ମିଶି ଯାଇଥିଲା । ***(ତାରିଖେ ତିବ୍‌ରି........ ଖଣ୍ଡ-୨, ପୃ-୬୮୭........ ବେରୁତ ୧୯୮୭)***

ଇତିହାସର କେତେକ ପୁସ୍ତକରେ ମଧ୍ୟ ବର୍ଣ୍ଣିତ ରହିଛି ଯେ, ଉକ୍ତ ସ୍ଥାନକୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ସ୍ୱୟଂ ଖରିଦ୍ କରିଜନ୍ନତୁଲ୍ ବକିରେ ସାମିଲ କରିଦେଇଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୫୮୬........ ବେରୁତ ୨୦୦୩)***

ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସମ୍ପର୍କିତ ଆଲୋଚ୍ୟ ଚର୍ଚ୍ଚାଟି ବର୍ତମାନ ଅଭ୍ୟାହତ ରହିଅଛି । ଇନ୍‌ଶାଅଲ୍ଲାଃ ଏହାର ଅବଶିଷ୍ଟାଂଶ ଆଗାମି ଖୁତ୍‌ବାରେ ହିଁ ଚର୍ଚ୍ଚା କରିବି ।

ବର୍ତମାନ ମୁଁ କେତେକ ମୃତକଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି ଯେଉଁମାନଙ୍କର ବିଗତ ଦିନରେ ଦେହାନ୍ତ ହୋଇଯାଇଅଛି ଏବଂ ନମାଜ ଜୁମା ରେ ଏହି ମୃତକମାନଙ୍କ ନମାଜ ଜନାଯାଃ ପଢ଼ାଇବି ।

ତନ୍ମଧ୍ୟରୁ ସର୍ବପ୍ରଥମ ବ୍ୟକ୍ତି ହେଉଛନ୍ତି ଆଇଭରୀକୋଷ୍ଟର ସମ୍ମାନନୀୟ ସ୍ୱର୍ଗତ ମୌଲବୀ ମୁହମ୍ମଦ୍ ଇଦ୍ରିସ୍‌ତିରୁ ସାହେବ । ଯାହାଙ୍କର ୨୭/୨୮ ତାରିଖ ଦିନ ମଧ୍ୟରାତ୍ରରେ ସାମାନ୍ୟ ଅସୁସ୍ଥ ପରେ ନିଧନ ହୋଇଗଲା । ***ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍*** । ସେ ଆଇଭରୀକୋଷ୍ଟର ନାଗରିକ ଥିଲେ ଏବଂ ପ୍ରାରମ୍ଭିକ ଶିକ୍ଷା ପରେ ସେ ବୁର୍କିନାଫାସୋ ଚାଲିଯାଇଥିଲେ । ସାଂସାରିକ ଶିକ୍ଷା ସହିତ ସେ ଧାର୍ମିକ ଶିକ୍ଷା ମଧ୍ୟ ପ୍ରାପ୍ତ କରି ଆରବୀ ଭାଷାରେ ଅଭିଜ୍ଞତା ଲାଭ କରିଥିଲେ । ୬୦ ଦଶକରେ ସେ ଅହେମଦୀୟତ୍ ଗ୍ରହଣ କରିଥିଲେ । ୧୯୮୩ ମସିହାରେ ସେ ସ୍ୱେଚ୍ଛାକୃତ ଭାବରେ ପାକିସ୍ତାନ ଚାଲିଆସିଥିଲେ ଏବଂ ଜାମିୟା ଅହେମଦୀୟା ରବଓ୍ୱାରୁ ଶିକ୍ଷା ସମାପ୍ତ ପରେ ଆଇଭରୀକୋଷ୍ଟର ମୁବ୍‌ଲିଗ୍ ସିଲ୍‌ସିଲା ଭାବରେ ଦାୟିତ୍ୱ ତୁଲାଇବାର ସୌଭାଗ୍ୟ ଲାଭ କରିଥିଲେ । ସେ ଘାନା ପରେ ବୁର୍କୀନାଫାସୋରେ ଧର୍ମ ସେବା କରି ୨୦୦୭ ମସିହାରୁ ପୁର୍ନବାର ଆଇଭରୀକୋଷ୍ଟରେ ନିଜର କର୍ତବ୍ୟ ନିର୍ବାହ କରିଆସୁଥିଲେ । ସ୍ୱର୍ଗତ ମୌଲବୀ ମୁହମ୍ମଦ୍ ଇଦ୍ରିସ୍ ସାହେବ ଓ୍ୱସିୟତ୍ କରିଥିଲେ ।

ପାକିସ୍ତାନ ଯିବା ସମୟରେ ଯେଉଁ ଘଟଣା ଘଟିଥିଲା । ସେ ସମ୍ବନ୍ଧରେ ସେ କହନ୍ତି ତାଙ୍କ ନିକଟରେ ଯେଉଁ ଜମା ପୁଞ୍ଜି ଥିଲା ସେଥିମଧ୍ୟରୁ ଜାହାଜର ଟିକେଟ କିଣିଲେ ଏବଂ ପାକିସ୍ତାନ ପହଂଚିଥିଲେ । ସେ ପାକିସ୍ତାନରେ ପହଂଚିବା ପୂର୍ବରୁ ନା ପାକିସ୍ତାନ ଯମାତ୍‌କୁ କୌଣସି ସୁଚନା ଦେଇଥିଲେ ଓ ନା ପାକିସ୍ତାନ ଯମାତ୍‌କୁ ତାଙ୍କର ଆଗମନର କୌଣସି ପୂର୍ବ ସୂଚନା ଥିଲା, ନା କି ଆଇଭରୀକୋଷ୍ଟ ଯମାତ୍‌କୁ କୌଣସି ପୂର୍ବ ସୂଚନା ଥିଲା । ଅତଏବ ବିମାନ ବନ୍ଦରରେ ପହଂଚି ଅତ୍ୟନ୍ତ ଚିନ୍ତିତ ହୋଇପଡ଼ିଥିଲେ ଏବଂ ଏଣେତେଣେ ଦେଖିଲେ ଯେ, ଜଣେ ବ୍ୟକ୍ତି ଛିଡ଼ା ହୋଇଛନ୍ତି । ସେ ତାଙ୍କ ପାଖକୁ ଗଲେନାହିଁ ବରଂ ସେହି ବ୍ୟକ୍ତି ତାଙ୍କୁ ଦେଖି ତାଙ୍କ ନିକଟକୁ ଆସିଲେ ଏବଂ ପଚାରିଲେ ଯେ, ଆପଣ କେଉଁଠୁ ଆସିଛନ୍ତି ଏବଂ କେଉଁଠିକୁ ଯିବେ ସେ ଉତର ଦେଲେ ଯେ, ମତେ ଇଂରାଜୀ ଆସୁନାହିଁ କି ମୁଁ ଉର୍ଦ୍ଦୁ ଭାଷା ମଧ୍ୟ ଜାଣିନାହିଁ । କେବଳ ଖଣ୍ଡବିଖଣ୍ଡ ଆରବୀ ଭାଷା ପଦୁଟେ କହିଲେ, ସେ ଯାହା ହେଉ ନା କାହିଁକି ସେହି ବ୍ୟକ୍ତି ତାଙ୍କୁ ଅହେମଦୀୟା ହଲ୍‌କୁ ନେଇ ଆସିଥିଲେ । ତା'ପରେ ସେହି ବ୍ୟକ୍ତି ଜଣକ ଏକଥା ବତାଇଲେ ଯେ, ମୋର ପତ୍ନୀ ରାତ୍ରରେ ଏକ ସ୍ୱପ୍ନ ଦେଖିଥିଲେ ଯେ, ଜଣେ ପରଦେଶୀ ଅତିଥି ଆସୁଛି ଏବଂ ଆପଣ ତାହାକୁ ଧରି ଆସୁଛନ୍ତି । ଅତଏବ ସେ କହିଲେ ଯେ ମୁଁ ସେଥିଯୋଗୁଁ ବିମାନ ବନ୍ଦରକୁ ଯାଇଥିଲି ଏବଂ ଯେତେବେଳେ ମୁଁ ଦେଖିଲି ଯେ, ବିମାନରୁ କେବଳ ଆପଣ ହିଁ ଅବତରଣ କରିଛନ୍ତି ଏବଂ ଚିନ୍ତିତ ଛିଡ଼ା ହୋଇଛନ୍ତି ସେତେବେଳେ ମୁଁ ବୁଝିନେଲି ଯେ, ଏ ହେଉଛନ୍ତି ସେହି ବ୍ୟକ୍ତି ଯେଉଁ ବ୍ୟକ୍ତିଙ୍କୁ ମୋ ପତ୍ନୀ ସ୍ୱପ୍ନରେ ଦେଖିଥିଲେ । ସୁତରାଂ ଅଲ୍ଲାଃ ତାଲା ଏହିପରି ଭାବରେ ତାଙ୍କର ବ୍ୟବସ୍ଥା କରିଦେଲେ ଏବଂ ସେ ଉକ୍ତ ଘଟଣାକୁ ବହୁଳ ଭାବରେ ଚର୍ଚ୍ଚା କରୁଥିଲେ ଏବଂ କହୁଥିଲେ ମୁଁ ବାଟସାରା ପ୍ରାର୍ଥନା କରୁଥିଲି ଓ ସେତେବେଳେ ମଧ୍ୟ ଦୁଆ କରୁଥିଲି ଏବଂ ଏହା ପ୍ରାର୍ଥନାର ଚମତ୍କାର ଯେ ଅଲ୍ଲାଃ ତାଲା ମଧ୍ୟ ମୋର ବ୍ୟବସ୍ଥା କରିଦେଲେ ଏବଂ ଗୋଟିଏ ରାତ୍ର ପୂର୍ବରୁ ଏହି ଅହେମଦୀ ବ୍ୟକ୍ତିଙ୍କ ପତ୍ନୀକୁ କରାଚୀରେ ସ୍ୱପ୍ନରେ ଦେଖାଇଥିଲେ ଯେ, ମୁଁ ଆସୁଅଛି ବୋଲି । ଏହିପରି ଭାବରେ ତାଙ୍କର ବନ୍ଦୋବସ୍ତ ହୋଇଗଲା ଓ ସେ ଅହେମଦୀୟା ହଲ୍‌ରେ ପହଂଚିଗଲେ । ଏତଦ୍ ପରେ ରବଓ୍ୱାରେ ପହଂଚିଗଲେ । ସେ ଯାହା ହେଉ ନା କାହିଁକି ସେ ଅତ୍ୟନ୍ତ ପୂଣ୍ୟବାନ ଏବଂ ପ୍ରାର୍ଥନାକାରୀ ବ୍ୟକ୍ତି ଥିଲେ ।

କୟୁମ୍ ପାଶା ସାହେବ୍ ଯିଏ ଆଇଭରୀ କୋଷ୍ଟର ଇନ୍‌ଚାର୍ଜ ଅଟନ୍ତି । ସେ କୁହନ୍ତି ଆମେ ବୁର୍କୀନାଫାସୋରେ ମଧ୍ୟ ଏକତ୍ର କାମ କରିଛୁ ଏହାପରେ ଆଇଭରୀକୋଷ୍ଟରେ ମଧ୍ୟ ସେବା କରିବାକୁ ସୁଯୋଗ ପ୍ରାପ୍ତ ହୋଇଥିଲା । ସେ ଯମାତ୍‌କୁ ଏବଂ ମସିହ୍ ମଉଦ୍ ସ:ଆ:ସଙ୍କୁ ବହୁତ ଭଲ ପାଉଥିଲେ ଏବଂ ପ୍ରେରଣା ଉତ୍ସର୍ଗୀ ବ୍ୟକ୍ତି ଥିଲେ । ସେ ଉପାସ୍ୟ ବ୍ୟକ୍ତି ଥିଲେ, ସେ ବଦାନ୍ୟ ବ୍ୟକ୍ତି ଥିଲେ ଏବଂ ଅଭାବି ଲୋକମାନଙ୍କୁ ସାହାଯ୍ୟ କରୁଥିଲେ । ଗରୀବ ଓ ଅନାଥ ପିଲାଙ୍କୁ ନିଜ ଘରେ ଆଶ୍ରୟ ଦେଇ ସେମାନଙ୍କୁ ଶିକ୍ଷା ଦେଉଥିଲେ ଓ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ବହନ କରୁଥିଲେ । ସେ ଧର୍ମମାର୍ଗରେ ସର୍ବଦା ମଗ୍ନ ରହୁଥିଲେ, ଅତିଥିସତ୍କାର ତାଙ୍କର ଅନ୍ୟ ଏକ ବିଶିଷ୍ଟ ଗୁଣ ଓ ପରିଚୟ ଥିଲା । ପ୍ରଚାର କରିବାର ଶୈଳୀ ମଧ୍ୟ ତାଙ୍କର ନିଆରା ଥିଲା । ସେ ଅସାଧାରଣ ବ୍ୟକ୍ତିତ୍ୱ ତଥା ଜ୍ଞାନର ଅଧିକାରୀ ଥିଲେ । ଲୋକଙ୍କୁ ତାଙ୍କର ବର୍ଣ୍ଣନା ଶୈଳୀ ବହୁତ ପସନ୍ଦ ଆସୁଥିଲା । ସେ ଯେତେବେଳେ ହିଁ ତବ୍‌ଲିଗ୍ ପାଇଁ ବାହାରୁଥିଲେ ସେତେବେଳେ ଲୋକମାନେ ତାଙ୍କ ଆଖପାଖରେ ଆସି ଏକତ୍ରିତ ହୋଇଯାଉଥିଲେ । ସେ ତହ୍‌ଜୁଦ୍ ପ୍ରୀୟ ବ୍ୟକ୍ତି ଥିଲେ ଏବଂ ସତ୍ୟ ସ୍ୱପ୍ନ ଦର୍ଶନକାରୀ ବ୍ୟକ୍ତି ଥିଲେ, ସେ ନିଶ୍ୱାର୍ଥପର ବ୍ୟକ୍ତି ଥିଲେ ।

ଆଇଭରୀକୋଷ୍ଟର ମୋଅଲିମ୍ ସାହେବ୍ ଜନାବ୍ ସିଦ୍ଦିକ୍ ଜିଆଲୁ ସାହେବ କୁହନ୍ତି ଯେ, ମୌଲବୀ ଇଦ୍ରିସ୍ ସାହେବ୍ ଯମାତ୍ ଏବଂ ଖିଲାଫତ୍ ପାଇଁ ଯେମିତି ପାଗଳ ଥିଲେ । ସେ ଯମାତ୍ ପାଇଁ ପ୍ରତ୍ୟେକ ପ୍ରକାରର ବଳିଦାନ ନିମନ୍ତେ ପ୍ରସ୍ତୁତ ରହୁଥିଲେ । ସେ କୁହନ୍ତି ଯେ ଆଇଭରୀକୋଷ୍ଟରେ ତାଙ୍କଠାରୁ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଯମାତ୍‌କୁ ଏତେ ଭଲପାଇବାର ମୁଁ ଅନ୍ୟକାହାକୁ ଦେଖିନାହିଁ । ଯେତେବେଳେ ତାଙ୍କୁ ପଚରାଯାଉଥିଲା ଯେ, ଆପଣଙ୍କ ଜାତିୟତା କଣ ? ପ୍ରତ୍ୟୁତରରେ ସେ କହୁଥିଲେ ଯେ, ନା ମୁଁ ଆଫ୍ରିକୀୟ ନା ମୁଁ ଆମେରିକୀୟ ବରଂ ଅହେମଦୀୟତ ହିଁ ମୋର ଜାତିୟତା ଓ ପ୍ରକୃତ ପରିଚୟ ଅଟେ । ଆଇଭରିକୋଷ୍ଟର ପ୍ରାରମ୍ଭିକ ଅହେମଦୀଙ୍କ ମଧ୍ୟରୁ ସେ ଜଣେ ଥିଲେ ।

ଆଇଭରିକୋଷ୍ଟର ମୁବଲିଗ୍ ସାହେବ୍ ଜନାବ୍ ବାସତ୍ ସାହାବ କୁହନ୍ତି ଯେ, ସେ ସଦାସର୍ବଦା ଯମାତ୍‌ର ସଦସ୍ୟଙ୍କୁ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରହିବାପାଇଁ ପର୍ବତାଉ ଥିଲେ ଏବଂ କହୁଥିଲେ ଯେ, ମୁଁ ଯାହା କିଛିବି ଉପକୃତ ହୋଇଅଛି ତାହା କେବଳ ଖିଲାଫତ୍ ଯୋଗୁଁ ହିଁ ଉପକୃତ ହୋଇଅଛି । ଜ୍ଞାନଦୃଷ୍ଟି କୋଣରୁ ମଧ୍ୟ ସେ ଅତ୍ୟନ୍ତ ଉଚ୍ଚକୋଟୀର ବିଦ୍ୱାନ ବ୍ୟକ୍ତି ଥିଲେ । ତାଙ୍କର ମାତୃଭାଷା ଜୁଲା (Jula) ଥିଲା । ଏହା ବ୍ୟତିତ ସେ ଫ୍ରେଂଚ, ଆରବୀ ଏବଂ ଉର୍ଦ୍ଦୁଭାଷାରେ ମଧ୍ୟ ପାରଙ୍ଗମ ଲାଭ କରିସାରିଥିଲେ । ତାଙ୍କର ଧର୍ମଶାସ୍ତ୍ରରେ ପାରଦର୍ଶିତା ଥିଲା । ସେ ଜଣେ ଅଭିଜ୍ଞ ବ୍ୟକ୍ତି ଏବଂ ତର୍କଶାସ୍ତ୍ରୀ ଥିଲେ । ସେ ଓ୍ୱାହିବି ବିଦ୍ୱାନ ମାନଙ୍କ ସହିତ ତର୍କବିର୍ତକ କରୁଥିଲେ ।

ଅବ୍ଦୁଲ୍ଲାଃ ସାହେବ ନାମକ ଜଣେ ଅହେମଦୀ ସାଆନ୍ ପେଡ୍ରୋ(San Pedro)ଠାରେ ହୋଇଥିବା ଏକ ତର୍କବିତର୍କ ଘଟଣା ଶୁଣାଇଲେ ଯେ, ଯେତେବେଳେ ସେ ୱ୍ହାବିମାନଙ୍କର ମସ୍‌ଜିଦ୍‌ରେ ବିତର୍କ ପାଇଁ ପଂହଚିଥିଲେ ଏବଂ ବିତର୍କରେ ଏହା ନିଷ୍ପତି ନିଆଗଲା ଯେ କେବଳ କୁର୍‌ଆନେ୍ କରିମ୍‌ରୁ ହିଁ ପ୍ରମାଣ ଦିଆଯିବା। ସୁତରାଂ ସେ ସକାଳ ଆଠଟାରୁ ସଂନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ଅହରହ ଭାବରେ ବିତର୍କ ଅଭ୍ୟାହତ ରଖିଥିଲେ। ଏହି ବିତର୍କରେ କେବଳ ନମାଜ ପାଇଁ ହିଁ ବିରତି ରହୁଥିଲା। ଅତଏବ ଉକ୍ତ ଅବଧିରେ ସେ ବିରୋଧି ମୌଲବୀଙ୍କୁ ଏଭଳି ପ୍ରମାଣ ଦେଲେ, ଯେଉଁ ପ୍ରମାଣଗୁଡ଼ିକୁ ସେମାନେ ଆଉ ରଦ୍ଦ କରିପାରିନଥିଲେ ଏବଂ ନିଜର ପରାଜୟ ସ୍ୱୀକାର କରିଥିଲେ ଏବଂ ଅହେମଦୀୟତ୍ କୁ ଉକ୍ତ ବିତର୍କରେ ବିଜୟ ପ୍ରାପ୍ତ ହୋଇଥିଲା। ପୁନଶ୍ଚ ସେ ଉଲ୍ଲେଖ କରନ୍ତି ଯେ ସେ ସ୍ୱୟଂ ଜଣେ ଲାଇବ୍ରେରୀ ସଦୃଶ ଥିଲେ। ଅର୍ଥାତ ପ୍ରଚାରିକ କର୍ମ ଭୁମିରେ ପ୍ରମାଣଗୁଡ଼ିକ ତାଙ୍କ ମୁହଁରେ ମୁଖସ୍ତ ଥିଲା। ସେ ଫ୍ରେଂଚ ହେଉ, ଉର୍ଦ୍ଦୁ ହେଉ କିମ୍ବା ଆରବୀ ଭାଷାରେ ହେଉ ଏହି ସମସ୍ତ ଭାଷାରେ ସେ ପ୍ରମାଣଗୁଡ଼ିକୁ ମୁଖସ୍ତ କରିଦେଇଥିଲେ ଏବଂ ତ୍ୱରିତ ଢ଼ଙ୍ଗରେ ସେ ଏହି ପ୍ରମାଣଗୁଡ଼ିକୁ ଅନର୍ଗଳ କହି ଶୁଣାଇଯାଉଥିଲେ। ସେ ପ୍ରାର୍ଥନାକୁ ସର୍ବଦା ନିଜର ଅସ୍ତ୍ର ଭାବରେ ବ୍ୟବହାର କରୁଥିଲେ ଏବଂ ସମସ୍ତଙ୍କୁ ଦୁଆ କରିବାକୁ ଉପଦେଶ ଦେଉଥିଲେ।

ତାଙ୍କ ପତ୍ନୀଙ୍କ ବ୍ୟତୀତ ତାଙ୍କର ପାଂଚଜଣ ସୁପୁତ୍ରୀ ଏବଂ ଏକମାତ୍ର ପୁତ୍ର ସନ୍ତାନ ଅଛନ୍ତି। ଅଲ୍ଲାଃ ତାଲା ତାଙ୍କର ସନ୍ତାନମାନଙ୍କୁ ମଧ୍ୟ ଯମାତ୍ ସହିତ ସୁଦୃଢ଼ ସମ୍ପର୍କ ସ୍ଥାପନ କରିବାକୁ ଏବଂ କ୍ରୀୟାଶୀଳ ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ସ୍ୱର୍ଗତଙ୍କ ଇଛାନୁଯାୟୀ ସେମାନଙ୍କୁ ଯମାତ୍‌ର ଅଭିନ୍ନ ଅଙ୍ଗ ହେବାପାଇଁ ମଧ୍ୟ ସର୍ବଦା ସାମର୍ଥ୍ୟ ପ୍ରଦାନ କରନ୍ତୁ। ତାଙ୍କ ସନ୍ତାନଙ୍କର ଯମାତ୍ ସହିତ ବିଶେଷ କିଛି ସମ୍ପର୍କ ତ ନାହିଁ କିନ୍ତୁ ଅଲ୍ଲାଃ ତାଲା ସେମାନଙ୍କ ଉପରେ କୃପା ବର୍ଷଣ କରନ୍ତୁ। ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ। ଆମିନ୍...

ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ଅମିନା ନାଏଗା କାଏରେ (Kaire) ସାହେବାଙ୍କର। ସେ ୟୁଗାଣ୍ଡାର ଅମୀର ଏବଂ ମିଶ୍‌ନାରୀ ଇନ୍‌ଚାର୍ଜ ସାହେବ ଜନାବ୍ ମୁହମ୍ମଦ ଅଲୀ କାଏରେ ସାହେବଙ୍କର ପତ୍ନୀ ଥିଲେ। ଫେବୃୟାରୀ ମାସ ୨୦ ତାରିଖ ଦିନ ତାଙ୍କର ବିୟୋଗ ହୋଇଥିଲା। ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍।*** ସ୍ୱର୍ଗତା ଅମୀନା ସାହିବା ବିନମ୍ର, ଉଚ୍ଚଶିକ୍ଷିତା ଏବଂ ସାହାସୀ ମହିଳା ଥିଲେ। ସ୍ୱର୍ଗତା ଅମୀନା ସାହିବାଙ୍କ ସ୍ୱାମୀ କାରେ ସାହେବ କୁହନ୍ତି ଯେ, ମୋର ସଫଳ ମୁବଲ୍ଲିଗ୍ ହେବା ପଛରେ ବିଶେଷ ରୂପରେ ମୋର ପତ୍ନୀଙ୍କର ହାତ ରହିଛି। ସେ ଅତ୍ୟନ୍ତ ନୈଷ୍ଠିକ ଓ ବିଶ୍ୱସ୍ତ ପତ୍ନୀ ଥିଲେ। କାଏରେ ସାହେବ କୁହନ୍ତି ଯେତେବେଳେ ଆମର ବିବାହ ହେଲା ସେତେବେଳେ ତାଙ୍କୁ ୧୯ ବର୍ଷ ହୋଇଥିଲା। ତାଙ୍କୁ ପବିତ୍ର କୁର୍‌ଆନ୍ କରିମ୍ ପଢ଼ିବା ମଧ୍ୟ ଆସୁନଥିଲା କିନ୍ତୁ ନିଜର ଉତ୍ସାହ ଓ ଅଭିଭୁଚି ଯୋଗୁଁ ସେ ପବିତ୍ର କୁର୍‌ଆନ୍ କରିମ୍ ପାଠ କରିବା ଶିଖିନେଇଥିଲେ ଏବଂ ଏହା ଉପରେ ଗଭୀର ଅନୁଚିନ୍ତା କରିବାପାଇଁ ମଧ୍ୟ ଉଦ୍ୟମ କରୁଥିଲେ। ଯମାତ୍‌ର ବିଭିନ୍ନ ପଦବୀରେ ବିଭିନ୍ନ ଦାୟିତ୍ୱ ତୁଲାଇବାରେ ତାଙ୍କୁ ସୌଭାଗ୍ୟ ଲାଭ ହୋଇଥିଲା। ୨୦୦୫ ମସିହାରେ ସେ ସଦର୍ ଲଜ୍‌ନା ଭାବରେ ନିଯୁକ୍ତ ହୋଇଥିଲେ ଏବଂ ତବ୍‌ଲିଗ୍ ଅର୍ଥାତ ପ୍ରଚାର କରିବାକୁ ସେ ବହୁତ ଭଲ ପାଉଥିଲେ। ଏଥିପାଇଁ ତାଙ୍କୁ ଥରେ ଦୁଇଥର ଜେଲ୍ ମଧ୍ୟ ଭୋଗିବାକୁ ପଡ଼ିଥିଲା। ତାଙ୍କର କୌଣସି ଭୂଲ ବା ଅପରାଧ ପାଇଁ ନୁହେଁ ବରଂ ତବ୍‌ଲିଗ୍ କିମ୍ବା ପ୍ରଚାର କାର୍ଯ୍ୟ ଯୋଗୁଁ ତାଙ୍କୁ କାରଦଣ୍ଡ ଭୋଗିବାକୁ ପଡ଼ିଥିଲା। ସଂସ୍କାର ଅର୍ଥାତ ତର୍‌ବିୟତ୍‌ପ୍ରସଙ୍ଗରେ ସେ ଅନ୍ୟମାନଙ୍କ ପାଇଁ ଆଦର୍ଶ ଥିଲେ ଏବଂ ଅତ୍ୟନ୍ତ ସାହାସିକତାର ସହିତ ଅଣଅହେମଦୀ ଲୋକମାନଙ୍କ ପ୍ରଶ୍ନର ଉତର ଦେଉଥିଲେ। ତାଙ୍କର ସୁପୁତ୍ରି କୁହନ୍ତି ଯେ, ସେ ଯେ କୌଣସି ପରିସ୍ଥିତି ହେଉ ଅର୍ଥାତ ସ୍ୱାସ୍ଥ୍ୟ ହେଉ କି ଅସୁସ୍ଥତା ହେଉ ନିୟମିତ ନମାଜ ପାଠ କରୁଥିଲେ। ସେ ପ୍ରତ୍ୟେକ ବର୍ଷ ରମ୍‌ଜାନ୍ ମାସରେ ଏତ୍‌କାଫ୍‌ରେ ବସୁଥିଲେ। ସେ ନିଜ ଉପରେ ଲଗାଯାଇଥିବା ଆପତି ଏବଂ ଅଭିଯୋଗକୁ ସାଦରେ ସହ୍ୟ କରିନେଉଥିଲେ କିନ୍ତୁ ଧାର୍ମିକ ପ୍ରସଙ୍ଗରେ ସେ କୌଣସି ଆପତି ଓ ଅଭିଯୋଗକୁ ସହ୍ୟ କରିପାରୁନଥିଲେ। ରାଜନୈତିକ ଫୋରମ୍ କିମ୍ବା ବିଭିନ୍ନ ସ୍ତରରେ ମଧ୍ୟ କାର୍ଯ୍ୟ କରିବାକୁ ତାଙ୍କୁ ସୌଭାଗ୍ୟ ଲାଭ ହୋଇଥିଲା। ସ୍ୱର୍ଗତା ଅମୀନା ସାହିବା ୱ୍‌ସିୟତ୍ କରିଥିଲେ। ମୃତକଙ୍କ ପରିବାରରେ ତାଙ୍କ ସ୍ୱାମୀଙ୍କ ବ୍ୟତିତ ଛଅଜଣ ସନ୍ତାନ ଅଛନ୍ତି ତନ୍ମଧ୍ୟରୁ ଦୁଇଜଣ ସନ୍ତାନ ମିଶିନାରୀ ଅଛନ୍ତି।

ତୃତୀୟ ଯନାଜାଃ ହେଉଛି ସିରୀୟାର ସମ୍ମାନନୀୟ ସ୍ୱର୍ଗତ ଲିୱ୍ହି କଜକ୍ ସାହେବଙ୍କର। ଡ଼ିସେମ୍ବର ମାସ ୧୦ ତାରିଖ ଦିନ ୪୮ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍।*** ଯେତେବେଳେ ମୌଲାନା ଜଲାଲୁଦ୍ଦିନ୍ ଶମସ୍ ସାହେବ୍ ଦାମିସ୍କରୁ ହାଇଫା ଆସିଥିଲେ, ସେତେବେଳେ ସ୍ୱର୍ଗତ ଲିୱ୍ହି କଜକ୍ ସାହେବଙ୍କର ବଂଶରେ ୧୯୨୮ ମସିହାରେ ଅହେମଦୀୟତ୍ ଆସିଥିଲା। ସେ ହଇଫାର ପ୍ରଥମ ଅହେମଦୀ ସମ୍ମାନନୀୟ ରୁଶ୍‌ଦି ବାକିରି ବୁସ୍‌ତି ସାହେବଙ୍କର ତବ୍‌ଲିଗ୍ ଦ୍ୱାରା ସ୍ୱର୍ଗତଙ୍କ ପିତାମହ ଅଲୀ ସ୍ୱାଲେହ କଜକ୍ ସାହେବ ଏବଂ ତାଙ୍କର ଭ୍ରାତା ମୁହମ୍ମଦ କଜକ୍ ସାହେବ (ଯିଏ ହେଉଛନ୍ତି ତାହା କଜକ ସାହେବ ପୂର୍ବତନ ସଦର ଯମାତ୍ ଉର୍ଦ୍ଧୁମ୍‌ଙ୍କ ପିତା) ସପରିବାରେ ବୟତ ବା ଦୀକ୍ଷା କରିନେଇଥିଲେ। ପରେ ଇସ୍ରାଇଲ୍ ଦେଶ ସ୍ଥାପନ ହେବାରେ ତାଙ୍କର ବଂଶ ଦାମିସ୍କକୁ ପ୍ରବାଶ କରିନେଇଥିଲେ। ସ୍ୱର୍ଗତ ଲିୱ୍ହି କଜକ୍ ସାହେବ ଜଣେ ନୈଷ୍ଠିକ ଅହେମଦୀ ଥିଲେ, ସେ ନମାଜ ଓ ରୋଜାର ସମୟାନୁବର୍ତୀ ଥିଲେ ଏବଂ ନିୟମିତ ରୂପେ ଚାନ୍ଦା ଦେଉଥିଲେ ଏବଂ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ ଏବଂ ଯମାତ୍‌ର ସେବାରେ ବ୍ୟସ୍ତ ରହିବା ସତ୍ୱେ ଅଭାବି ଗରୀବ ବ୍ୟକ୍ତିମାନଙ୍କୁ ମଧ୍ୟ ସାହାଯ୍ୟ କରୁଥିଲେ ଏବଂ ସେମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିଲେ। ସେ ଏକଧାରାରେ ଜଣେ ପୂଣ୍ୟବାନ ବ୍ୟକ୍ତି ଥିଲେ। ସ୍ୱର୍ଗତଙ୍କ ଦୁଇଜଣ ପତ୍ନୀ ଏବଂ ତିନିଜଣ ସ୍ୱଳ୍ପ ବୟସ୍କା କନ୍ୟା ଅଛନ୍ତି। ତାଙ୍କର ଦୁଇଜଣ କନ୍ୟା ୱ୍‌କ୍‌ଫେ ନୌ (ଉତ୍ସର୍ଗୀକୃତ ଜୀବନରେ) ସାମିଲ ଅଛନ୍ତି।

ସଦର ଯମାତ୍ ୱ୍‌ସିମ୍ ମୁହମ୍ମଦ୍ ସାହେବ ବର୍ଣ୍ଣନା କରନ୍ତି ଯେ, ରୋଗୀ ଏବଂ ଆହାତମାନଙ୍କୁ ଡ଼ାକ୍ତରଖାନାରେ ଭର୍ତି କରାଇ ସେମାନଙ୍କ ଚିକିତ୍ସା କରାଉଥିଲେ। ସିରୀୟାର ପରିସ୍ଥିତି ଏପରି ଥିଲା ଯେ, ସେ ଏଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିର୍ଭିକ ଭାବରେ ସେ ଏହି କାର୍ଯ୍ୟ କରୁଥିଲେ। ଏହିପରି ଭାବରେ ସେ, ମଜ୍‌ଲିସ୍ ଆମଲାର ସଦସ୍ୟମାନଙ୍କ ଗସ୍ତ ପାଇଁ କାର ମଧ୍ୟ କିଣି ଦେଇଥିଲେ ଏବଂ ସେମାନଙ୍କ ସହିତ କାମ ବି କରୁଥିଲେ। ଯେତେବେଳେ ବି ତାଙ୍କୁ ଡ଼କାଯାଉଥିଲା ସେତେବେଳେ ସେ ଶିଘ୍ର ପହଂଚିଯାଉଥିଲେ ଏବଂ ଅତ୍ୟନ୍ତ ପ୍ରସନ୍ନ ଚିତରେ ସେବା ବି କରୁଥିଲେ ଏବଂ ଭାବବ୍ହିଳ ଏବଂ ନିସ୍ୱାର୍ଥପର ମନ ରଖି କର୍ମ ସମ୍ପାଦନ କରୁଥିଲେ। ସେ ନିୟମିତ ଭାବରେ ଚାନ୍ଦା ପଇଠ କରୁଥିଲେ କିନ୍ତୁ ଜୀବନର ଶେଷ ଦିନରେ ସେ ବହୁତ ଚାନ୍ଦା ବଢ଼ାଇ ଦେଇଥିଲେ। ସେ ଅହେମଦୀମାନଙ୍କୁ ଆର୍ଥିକ ସାହାଯ୍ୟ ମଧ୍ୟ କରୁଥିଲେ। ପୁନଶ୍ଚ ସେ ଉଲ୍ଲେଖ କରନ୍ତି ଯେ ସ୍ୱର୍ଗତ ଲିୱ୍ହି ସାହାବ ନିଜର ସରଳତା ଓ ସ୍ୱଚ୍ଛ କଥନ, ମାନବସେବା ପ୍ରତି ନିଷ୍ଠା ଏବଂ ସତ୍ ଉଦ୍ଦେଶ୍ୟ ଯୋଗୁଁ ସମସ୍ତଙ୍କ ଉପରେ ସୁପ୍ରଭାବ ପକାଇପାରିଥିଲେ।

ସ୍ୱର୍ଗତଙ୍କର ପତ୍ନୀ ଖଦିଜା ଅଲୀ ସାହେବା କୁହନ୍ତି ମୋ ସ୍ୱାମୀ ଅଲ୍ଲାଃ ତାଲାଙ୍କ କୃପାରୁ ଜଣେ ନିଷ୍ଠାପର ଅହେମଦୀ ବ୍ୟକ୍ତି ଥିଲେ। ସେ ଯମାତ୍‌କୁ ବହୁତ ଭଲ ପାଉଥିଲେ ଏବଂ ଲୋକମାନଙ୍କୁ ସାହାଯ୍ୟ ବି କରୁଥିଲେ। ସେ ବହୁତ ଲୋକମାନଙ୍କୁ ସାହାଯ୍ୟ ବି କରୁଥିଲେ। ଘରର ସବୁପ୍ରକାରର କାର୍ଯ୍ୟରେ ସେ ମତେ ସାହାଯ୍ୟ ବି କରୁଥିଲେ। ସେ ନିଜର ଝିଅମାନଙ୍କୁ ବହୁତ ଭଲ ପାଉଥିଲେ ଏବଂ ସେମାନଙ୍କୁ ସୁସଂସ୍କାର ଦେବାପାଇଁ ଚିନ୍ତିତ ରହୁଥିଲେ। ତାଙ୍କ ପତ୍ନୀ ସହିତ ବସି ବହୁତ ସମୟଧରି ଯମାତ୍ ସମ୍ପର୍କରେ ଆଲୋଚନା ମଧ୍ୟ କରୁଥିଲେ। ଅଲ୍ଲାଃ ତାଲାଙ୍କ କୃପାରୁ ସେ ନିଜ ଜୀବନର ଶେଷ ବର୍ଷ ଯମାତ୍‌ରେ ସେବା କରିବାରେ ଅତିବାହିତ କରିଥିଲେ ଏବଂ ସେଥିଯୋଗୁଁ ସେ ବହୁତ ଖୁସି ଥିଲେ।

ତାଙ୍କର ମାଉସୀ ପୁଅ ଭାଇ ଅକ୍‌ରମ୍ ସଲ୍‌ମାନ୍ ସାହେବ କୁହନ୍ତି ଯେ, ମୁଁ ତାଙ୍କରି ମାଧ୍ୟମରେ ବୟତ କରିଥିଲି। ଆମେ ବୟତ କରିବା ପୂର୍ବରୁ ମଧ୍ୟ ତାଙ୍କର ଉଚ୍ଚକୋଟୀର ଚରିତ୍ରର ସାକ୍ଷ୍ୟ ଅଟୁ। ତାଙ୍କ ନିଜ ଆର୍ଥିକ ପରିସ୍ଥିତି ସେତେଟା ସ୍ୱଚ୍ଛଳ ନଥିଲା ଏହା ସତ୍ୱେ ମଧ୍ୟ ସେ ଅଭାବି ଓ ଗରୀବ ବ୍ୟକ୍ତିଙ୍କୁ ସାହାଯ୍ୟ କରିଦେଉଥିଲେ। ଯେଉଁ କଥା ମତେ ବହୁତ ପ୍ରଭାବିତ କରିଥିଲା ତାହା ହେଉଛି ଏହା କି ଏକଦା ତାଙ୍କୁ ଭଲ ଚାକିରିଟିଏ ମିଳିଗଲା ଯଦ୍ୱାରା ତାଙ୍କର ସମସ୍ତ ଋଣ ପରିଶୋଧ ହୋଇଯାଇଥିଲା। ଏହାପରେ ସେ ଧନ ଏକତ୍ରିତ କରିବା ପରିବର୍ତେ ନିଜର ଗରୀବ ଖାଲା(ମାଉସୀ)ମାନଙ୍କୁ ମଧ୍ୟ ବହୁତ ଅର୍ଥ ପ୍ରଦାନ କରୁଥିଲେ ଏବଂ କହୁଥିଲେ ଯେ ଯେପର୍ଯ୍ୟନ୍ତ ମୋର ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି ଏବଂ ମୋ ଉପରେ କୌଣସି ଋଣଭାର ନାହିଁ ସେ ପର୍ଯ୍ୟନ୍ତ ମୁଁ ଜଣେ ଧନୀକ ବ୍ୟକ୍ତି ଅଟେ। ତେଣୁ ମୁଁ ଆବଶ୍ୟକଠାରୁ ବଳି ପଡୁଥିବା ଅର୍ଥକୁ ଅଭାବି ଗରୀବମାନଙ୍କ ଉପରେ ଖର୍ଚ୍ଚ କରିବାକୁ ଚାହୁଁଛି ଏବଂ ଏପରି କରିବା ନିହାତି ଜରୁରୀ ଅଟେ। ତାଙ୍କର ଏହି କଥା ଅତ୍ୟନ୍ତ ବିସ୍ମୟକର ଥିଲା କାରଣ ମୁଁ ଆଜୀବନ ଏଭଳି ମିତବ୍ୟୟି ଏବଂ ଆର୍ଥିକ ବଳିଦାନ କରିଥିବା ବ୍ୟକ୍ତି ଆଉ କାହାକୁ ଦେଖିନାହିଁ। ପୁନଶ୍ଚ ସେ କୁହନ୍ତି ଯେ, ସେ ଆମ ଦୁଇଭାଇଙ୍କ ବୟତ ପରେ ଆମର ଶିକ୍ଷା ଓ ସଂସ୍କାର ପାଇଁ ଏବଂ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରହିବାପାଇଁ ସେ ଆପ୍ରାଣ ଉଦ୍ୟମ କରିଥିଲେ। ସେ ଆମମାନଙ୍କୁ ଖିଲାଫତ୍‌ର ବର୍‌କତ୍‌ରୁ ଲାଭାନ୍ୱିତ ହେବା ନିମନ୍ତେ ଅନେକ ପ୍ରଭାବଶାଳୀ ଘଟଣା ଶୁଣାଉଥିଲେ। ଯଦ୍ୱାରା କି ଆମମାନଙ୍କ ହୃଦୟରେ ଖିଲାଫତ୍‌ର ପ୍ରେମଭାବ ଉତ୍ପନ୍ନ ହୋଇଯାଉଥିଲା। ତାଙ୍କର ଜଣେ ଭାଇ ମୋତିଜ୍ କଜକ୍ ସାହେବ ଯିଏ କାନାଡ଼ାର ଜାମିୟା ଅହେମଦୀୟାରେ ଶିକ୍ଷକ ଅଛନ୍ତି। ସେ ଉଲ୍ଲେଖ କରନ୍ତି ଯେ, ମୋର ସ୍ୱର୍ଗତ ଭାଇ ଜଣେ ନିଷ୍ଠାବାନ ବ୍ୟକ୍ତି ଥିଲେ ଏବଂ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ ଯଦିଓ ଆମମାନଙ୍କର ପୂର୍ବଜ ଅହେମଦୀ ଥିଲେ କିନ୍ତୁ ଆମମାନଙ୍କୁ ଅହେମଦୀୟତ ସମ୍ପର୍କରେ କୌଣସି ଧାରଣା ନଥିଲା। ମୋ ଭାଇ ନିଜର ଦାଦା ଖେଜର୍ କଜକ୍ ସାହେବଙ୍କର ନମାଜ ଜନାଯାଃରେ ସାମିଲ ହେବାପାଇଁ ହଲବ୍ ସହରରୁ ଦାମିସ୍କ ସହରକୁ ଯାଇଥିଲେ। ଯେଉଁଠି ସେ ଅହେମଦୀ ଲୋକଙ୍କୁ ଭେଟିଥିଲେ ଏବଂ ଯମାତ୍ ସମ୍ପର୍କରେ ନିଜର ଭାବ ବିନିମୟ ହୋଇଥିଲା ଫେରିବାବେଳେ ମୁଁ ଦେଖିଥିଲି ଯେ, ସଜ୍‌ଦାଃରେ ବହୁତ କାନ୍ଦୁଥିଲେ ତାଙ୍କର ଏହି ଆକସ୍ମିକ ପରିବର୍ତନକୁ ଦେଖି ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଥିଲି। ଯେତେବେଳେ ମୁଁ ତାଙ୍କୁ ଏପରି ପରିବର୍ତନର କାରଣ ପଚାରିଲି ସେତେବେଳେ ସେ ଉତର ଦେଲେ ଏବଂ ମତେ ଯମାତ୍‌ର ପରିଚୟ କରାଇଥିଲେ। ପୁନଶ୍ଚ ସେ କୁହନ୍ତି ଯେ ଏହାପରେ ମୁଁ ଯମାତ୍ ବିଷୟରେ ଅଧିକ ଗବେଷଣା କଲି, ସେ ପ୍ରଥମେ ତ ନାମକୁ ମାତ୍ର ଅହେମଦୀ ଥିଲେ କିନ୍ତୁ ନିୟମିତ ଭାବରେ ଗବେଷଣା କରି ସେ ଯମାତ୍ ସମ୍ପର୍କରେ ଶିକ୍ଷା ପ୍ରାପ୍ତ କଲେ ଏବଂ ଏକ ସ୍ୱପ୍ନକୁ ଆଧାର କରି ପରବର୍ତୀ ସମୟରେ ଦ୍ୱିତୀୟଥର ବୟତ କରିନେଇଥିଲେ। ମୋ ବୟତ କରିବାର ମୋ ଭାଇଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହି ଦ୍ୱିତୀୟଥର ବୟତର ଅର୍ଥ ଏହା ଯେ, ସେ ଜଣେ ସଭ୍ରାନ୍ତ ବଂଶୀୟ ଏବଂ ପାରମ୍ପରିକ ରୂପେ ଅହେମଦୀ ହୋଇଆସୁଥିଲେ। କିନ୍ତୁ ବ୍ୟବହାରିକ ରୂପେ ସେ ଅହେମଦୀ ନଥିଲେ, ଏଥିପାଇଁ ସେ ଅଧିକ ଗବେଷଣା କରି ଦ୍ୱିତୀୟଥର ପାଇଁ ବୟତ କରିବାକୁ ଉଚିତ ବୋଲି ଅନୁଭବ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଜାଣିପାରିବେ ଯେ, ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ କଣ । ସେହିଭଳି କଜାର ଯେଉଁ ଶୈଳୀ ସେ ସମ୍ବନ୍ଧରେ ସୂଚନା ମିଳିବ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଠିକ୍ ଅଛି ଫ୍ଲାୟର୍ ବନାନ୍ତୁ ଓ ସେଥିରେ ଏକଥା ମଧ୍ୟ ସ୍ପଷ୍ଟ କରିଦିଅନ୍ତୁ ଯେ, ମହିଳାମାନେ କଜାରେ ଉପସ୍ଥିତ ହେବା ବେଳେ ନିଜ ସହିତ କୌଣସି ମହିଳାଙ୍କୁ ଆଣିପାରିବେ । ଅର୍ଥାତ ମହିଳା ଓକିଲଙ୍କୁ ନିଜ ସହିତ ଆଣିପାରିବେ । ଯେଉଁ କେଶ୍ ମଧ୍ୟ ଆସୁଛି ସେଗୁଡ଼ିକୁ ଇନ୍ଦରାଜ୍ (ରେଜିଷ୍ଟର ଖାତାରେ ଦରଜ)କରି ତା' ସହିତ ଫ୍ଲାୟର୍ ଦେଇଦିଅନ୍ତୁ ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ବିଭାଘର ହେବାର ତିନିଚାରି ଦିନ ପରେ ଯେଉଁ କେଶ୍ ଆସୁଛି ଯେ, ତଲାକ୍ ବା ଖୁଲା କରାଯାଉ ବୋଲି, ଏହିଭଳି କେଶ୍‌ଗୁଡ଼ିକୁ ଅମୀର ସାହେବଙ୍କ ନିକଟକୁ ପଠାଇ ଦିଅନ୍ତୁ । ସେଗୁଡ଼ିକୁ ଏବେ ଡ଼ିଲ୍ କରାନଯାଉ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: କଜାର କାମ ହେଉଛି ସହଜତା ସୃଷ୍ଟି କରିବା ନିର୍ଦ୍ଦେଶକୁ ଜୋର୍ ଜବରଦସ୍ତି ଥୋପି ଦେବା ଠିକ୍ ନୁହେଁ । ତେଣୁ ବହୁତ ଦୁଆ କରି ନିଷ୍ପତି କରିବା ଉଚିତ । ପ୍ରତ୍ୟେକ ଫଇସଲା କରିବା ପୂର୍ବରୁ କାଜି ସାହେବଙ୍କୁ ଦୁଇ ରେକାତ୍ ନଫିଲ୍ ନମାଜ ପଢ଼ିବା ଉଚିତ । ପୁଣି ସୁଲାଃ ସଫାଇ ପାଇଁ ଚେଷ୍ଟା କରିବା ଉଚିତ । କାହାର ଅଧିକାର ମାରିବା କଥା ନୁହେଁ ବା କାହାକୁ ଦଣ୍ଡ ଦେବାପାଇଁ ଶିଘ୍ର କରିବା ଉଚିତ ନୁହେଁ ।

ହଜୁର ଅନଓ୍ୱର ଅ:ବ:ଅ ଏହିଭଳି ବହୁତ ଗୁଡ଼ିଏ କଥା ଓ ବହୁତ ଗୁଡ଼ିଏ ମାମଲା ସମ୍ବନ୍ଧରେ କେତେକ ଇନ୍‌ତେଜାମି ହିଦାୟତ୍ (ବ୍ୟବସ୍ଥାଗତ ନିର୍ଦ୍ଦେଶ) ମଧ୍ୟ ଦେଲେ ଏବଂ ଏ ନିର୍ଦ୍ଦେଶ ଦେଲେ ଯେ, ଏହି ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଟ୍ରାନ୍ସକ୍ରାଇବ କରି ପ୍ରଥମେ ପ୍ରାଇଭେଟ ସେକ୍ରେଟାରୀଙ୍କ ନିକଟକୁ ପଠାନ୍ତୁ ତା'ପରେ ପୁଣି ସବୁ କାଜିମାନଙ୍କୁ ଦିଅନ୍ତୁ ଯଦ୍ୱାରା ତା'ଉପରେ କାରବାହୀ କରାଯାଇ ପାରିବ ।

କଜାର ସଦସ୍ୟମାନଙ୍କ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କର ଏହି ମିଟିଙ୍ଗ ଦିନ ୧୨ଟା ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସମସ୍ତ ସଦସ୍ୟମାନେ ଦଳଗତ ଭାବରେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଫ୍ୟାମିଲି ସାକ୍ଷାତକାର (ପ୍ରଥମ ସେଶନ)**

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତର ଭିତରକୁ ପ୍ରବେଶ କଲେ ଓ ପ୍ରୋଗ୍ରାମ ମୁତାବକ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସକାଳର ଏହି ସେଶନ୍‌ରେ ୨୯ଟି ଫ୍ୟାମିଲିରୁ ୯୫ଜଣ ସଦସ୍ୟ ଓ ବ୍ୟକ୍ତିଗତ ଭାବରେ ୧୪ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ଜର୍ମାନୀର ଭିନ୍ନ ଭିନ୍ନ ୨୮ଟି ଯମାତ୍‌ରୁ ଆସିଥିଲେ । କିଛି ଇଲାକାରୁ ଆସିଥିବା ଫ୍ୟାମିଲିଗୁଡ଼ିକୁ ବହୁତ ଲମ୍ବା ଯାତ୍ରା ଗସ୍ତ କରି ଏଠାରେ ଆସି ପହଂଚିଥିଲେ । ଓସନାବର୍କରୁ ଆସିଥିବା ସଦସ୍ୟମାନେ ୩୧୫ କିଲୋମିଟର ଏବଂ ଡ୍ରେସଡେନ୍‌ରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୪୫୦ କିଲୋମିଟର ରାସ୍ତା ଅତିକ୍ରମକରି ଏଠାରେ ଆସି ପହଂଚିଥିଲେ ।

ଏତଦ୍‌ବ୍ୟତିତ ପାକିସ୍ତାନରୁ ଆସିଥିବା ଗୋଟିଏ ଫ୍ୟାମିଲି ଏବଂ ତଜାକିସ୍ତାନ, ଲାଟ୍ଭିଆ, ଦୁବାଇ ଏବଂ ବଙ୍ଗଳାଦେଶରୁ ଆସିଥିବା ସଦସ୍ୟମାନେ ମଧ୍ୟ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ଏମାନେ ସମସ୍ତେ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family, Jamat Ahmadiyya, Kerang (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ସଦକତୁଲ୍ ଫିତର୍ ପଇଠ କରିବା

ଅଲ୍‌ହମ୍‌ଦୁ ଲିଲ୍ଲାଃ ରମଜାନୁଲ୍ ମୁବାରକ୍‌ର ବାବରକତ୍ ପବିତ୍ର ରମ୍‌ଜାନ୍ ମାସ ଏପ୍ରିଲ୍‌ର ଦ୍ୱିତୀୟ ଦଶକରୁ ଆରମ୍ଭ ହେଉଅଛି । ଇସ୍‌ଲାମ୍‌ରେ ଫିତ୍‌ରାନା ପଇଠ କରିବା ପାଇଁ ଏକ ସାଆ ମାପର ଶସ୍ୟ (ଅର୍ଥାତ ପ୍ରାୟ ୨ କିଲୋ ୭୫୦ ଗ୍ରାମ) ଧାର୍ଯ୍ୟ କରାଯାଇଅଛି । ଯମାତ୍‌ର ସଦସ୍ୟମାନେ ସମ୍ପୁର୍ଣ୍ଣ ଶରହ୍ (ମାପ) ସହିତ ପବିତ୍ର ରମ୍‌ଜାନ୍ ମାସ ପୂର୍ବରୁ ବା ଦ୍ୱିତୀୟ ଦଶଦିନ ମଧ୍ୟରେ ହିଁ ସଦକତୁଲ୍ ଫିତର୍ ପଇଠ କରିବା ପାଇଁ ଚେଷ୍ଟା କରନ୍ତୁ ।

ଯେହେତୁ ଭାରତର ପ୍ରଦେଶଗୁଡ଼ିକରେ ଶସ୍ୟ (ଗହମ, ଚାଉଳ)ର ମୁଲ୍ୟ ଅଲଗା ଅଲଗା ରହିଥାଏ ସେଥିଯୋଗୁଁ ନିଜ ସ୍ଥାନୀୟ ମୂଲ୍ୟ ଅନୁସାରେ ଧାର୍ଯ୍ୟ କରାଯାଇଥିବା ଶରହ୍ ( ୨ କିଲୋ ୭୫୦ ଗ୍ରାମ ଶସ୍ୟ) ମୁତାବକ ଫିତ୍‌ରାନାର ରାଶି/ଅର୍ଥ ପଇଠ କରନ୍ତୁ । ପଞ୍ଜାବ ପ୍ରଦେଶ ପାଇଁ ଏ ବର୍ଷ ମୁଣ୍ଡ ପିଛା ସଦକତୁଲ୍ ଫିତର୍‌ର ଅର୍ଥରାଶି ପଂଚାବନ (୫୫/-) ଟଙ୍କା ଧାର୍ଯ୍ୟ କରାଯାଇଅଛି ।

ସ୍ଥାନୀୟ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ଥିବା କ୍ଷେତ୍ରରେ ସଦକତୁଲ୍ ଫିତର୍‌ର ମୋଟ ଅର୍ଥରାଶିରୁ ନବେ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥରାଶି ମଜ୍‌ଲିସ୍ ଆମେଲାର ପରାମର୍ଶ ଓ ଫଏସଲା ପରେ ବଂଟା ଯାଇପାରିବ । ବାକି ଅର୍ଥରାଶିକୁ ମର୍କଜ୍‌ରେ ଜମା କରିବାକୁ ହେବ । ଯେଉଁ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ନଥିବେ ସେହି ଯମାତ୍‌ରୁ ଅସୁଲ୍ କରାଯାଇଥିବା ସମସ୍ତ ଅର୍ଥରାଶି ସଦର୍ ଅଞ୍ଜୁମନ୍ ଅହ୍‌ମଦୀୟାର ଯମାତି ଆକାଉଂଟ୍‌ରେ ରଖିବାକୁ ହେବ ।

ସ୍ପଷ୍ଟ ହେଉ କି ଫିତ୍‌ରାନାର ଅର୍ଥରାଶି ମସ୍‌ଜିଦ୍ ଇତ୍ୟାଦିର ଆବଶ୍ୟକତା କାର୍ଯ୍ୟରେ ଖର୍ଚ୍ଚ କରିବାର ଅନୁମତି ନାହିଁ ।

## ଇଦ୍ ଫଣ୍ଡ

ଏହି ଚାନ୍ଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରୁ ପ୍ରଚଳନ । ଏହି ଫଣ୍ଡର ଉଦ୍ଦେଶ୍ୟ ଏହା ଥିଲା କି ଯେଉଁଠି ଖୁସି ଓ ଆନନ୍ଦ ଅବସରରେ ମଣିଷ ନିଜର ଖୁସି ପାଇଁ ପୋଷାକ, ଖାଦ୍ୟପେୟ ଏବଂ ଦାଓ୍ୱତ (ନିମନ୍ତ୍ରଣ) ଇତ୍ୟାଦିରେ ଅନେକ ଖର୍ଚ୍ଚ କରିଥାଏ ଓ ଅନ୍ୟମାନଙ୍କୁ ଉପହାର ମଧ୍ୟ ଦେଇଥାଏ, ସେଠି ସେହି ଖୁସି ସମୟରେ ଦୀନ (ଧର୍ମ)ର ଆବଶ୍ୟକତାକୁ ମଧ୍ୟ ମନେରଖୁ । ଅହେମଦୀମାନେ ତ ବୟତ୍‌ରେ ଏ ପ୍ରତିଜ୍ଞା କରିଛନ୍ତି ଯେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବେ । ତେଣୁ ପ୍ରତ୍ୟେକ ଅହେମଦୀଙ୍କଠାରୁ ଏ ଆଶା କରାଯାଉଅଛି ଯେ ସେ ଖୁସି ଓ ଆନନ୍ଦର ଉତ୍ସବ ଅବସରରେ ଧର୍ମର ଆବଶ୍ୟକତାକୁ ନିଶ୍ଚିତ ରୂପେ ମନେରଖୁ । ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯୁଗରେ ଏଥିପାଇଁ ରୋଜଗାର କରୁଥିବା ଅହେମଦୀମାନେ ମୁଣ୍ଡ ପିଛା ଏକଟଙ୍କା ଦେଉଥିଲେ । ଯାହା ସେ ସମୟ ଅନୁସାରେ ବହୁତ ବଡ଼ ଅର୍ଥରାଶି ଥିଲା । ଏବେ ଯେହେତୁ ଆଗକୁ ଇଦୁଲ୍ ଫିତର୍ ଆସୁଅଛି ତେଣୁ ନିଜର ସାମର୍ଥ୍ୟ ଅନୁସାରେ ସେହି ଇଦ୍ ଦିନ୍ ମଧ୍ୟ ଅଧିକରୁ ଅଧିକ ଅର୍ଥରାଶି ଏହି ବିଭାଗରେ ପଇଠ କରାଯାଉ । ଇଦ୍ ଫଣ୍ଡକୁ ଇଦ୍ ପୂର୍ବରୁ କୌଣସି ମଧ୍ୟ ସମୟରେ ପଇଠ କରାଯାଇପାରିବ । ଏହା ହେଉଛି ମର୍କଜି ଚାନ୍ଦା । ତେଣୁ ସବୁତକ ଅର୍ଥ ସଦର୍ ଅଞ୍ଜୁମନ୍ ଅହେମଦୀୟାର ଖଜାନାରେ ଜମା ହେବା ଜରୁରୀ । ଏହି ଅର୍ଥରାଶି ସ୍ଥାନୀୟ ଯମାତ୍‌ରେ ଖର୍ଚ୍ଚ କରିବାକୁ ଅନୁମତି ନାହିଁ । ଜଯାକମୁଲ୍ଲାଃ

***(କାଏମ୍ ମକାମ୍ ନାଜିର ବୟତୁଲ୍ ମାଲ୍ ଆମଦ୍ କାଦିଆନ୍)***

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ସୌଭାଗ୍ୟ ପାଇଲେ । ଛାତ୍ରଛାତ୍ରୀମାନଙ୍କୁ ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ କଲମ ପ୍ରଦାନ କଲେ ଏବଂ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ଦିନ ୧.୪୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)

ଠିକ୍ ୨:୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ରେ ଥିବା ଲଜ୍‌ନା ହଲ୍ ଭିତରକୁ ପ୍ରବେଶ କଲେ । ଯେଉଁଠି ଛୋଟ ଛୋଟ ଝିଅ ପିଲାମାନଙ୍କର ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା ।ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ୩୫ଜଣ ଝିଅ ପିଲାଙ୍କଠାରୁ ପବିତ୍ର କୁର୍‌ଆନ୍ କରିମ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ । ଅଜିଜା ତମ୍‌ସିଲା ଅହ୍‌ମଦ୍, ଅଦନ୍ ହକ୍ ରାନା, ଶାଫିୟା ଅହ୍‌ମଦ୍, ହୀରା ଅହ୍‌ମଦ୍, ବାସ୍‌ମା ଖାଲିଦ୍, ନାଏଲା ରହ୍‌ମାନ୍, ଆଇରାଃ ହାସିଲୈନ୍ ଶାଦ୍, ହଫ୍‌ସା ଇମ୍‌ରାନ୍, ଦୁଆ ଚୌଧୁରୀ, ମହକ୍ ଶାଇସ୍ତା ଅହ୍‌ମଦ୍, ଅବ୍‌ରେଶ୍ ବାଜ୍‌ଓ୍ୱା, ଇମାନ୍ ତାହେର୍, ସନା ମୁନଓ୍ୱର୍, ମିନ୍‌ହାଲ୍ ଅହ୍‌ମଦ୍, ଫାତିହା ଏହ୍‌ସାନ୍, ଯମ୍‌ନା ଅହ୍‌ମଦ୍, ୟାସ୍‌ମିନ୍ ମୁହମ୍ମଦ୍, ମାହ୍‌ଦାଃ ସହର୍ ଆରିଫ୍, ମରିୟମ୍ ଏଓ୍ୱାନ୍, ମାହ୍‌ନୂର୍ ଫାତିମା, ଅବିରାଃ ଅହ୍‌ମଦ୍, ଅଲିନା ଇଦ୍‌ରିସ୍, ଫରିଦା ଅସଦ୍, ଇଙ୍ଗବିନ୍ ନଓ୍ୱାଜ୍, ହଫ୍‌ସା ମକ୍‌ସୁଦ୍, ନୂରା ଅହ୍‌ମଦ୍, ଅଲିଜା ଝଟୁଲ୍, ଅର୍‌ଓ୍ୱା ଝଟ୍‌ଓ୍ୱଲ୍, ମୁନିଫା ଖାଲିଦ୍, ପଲୁଶ ଅହ୍‌ମଦ୍, ସବାହା ଇମ୍‌ରାନ୍, ଖାନ୍ ହିବତୁଲ୍ ଓ୍ୱାରିସ୍, ସ୍ୱାଲେହା ଇନ୍‌ଆମ୍, ଅଲିଶା ଖୋକର୍ ଏବଂ ଲବିନା ଇଲ୍‌ୟାସ୍ ।

ଆମିନ୍ ଉତ୍ସବ ପରେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷମାନଙ୍କ ନିମନ୍ତେ ଥିବା ହଲ୍ ଭିତରକୁ ଆସି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ଫ୍ୟାମିଲି ସାକ୍ଷାତକାର (ଦ୍ୱିତୀୟ ସେଶନ୍)

ପ୍ରୋଗ୍ରାମ ମୁତାବକ ଠିକ୍ ସନ୍ଧ୍ୟା ୬:୧୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତର୍‌ରେ ପଦାର୍ପଣ କଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତକାର ପ୍ରୋଗ୍ରାମ ଆରମ୍ଭ ହେଲା । ଆଜି ସନ୍ଧ୍ୟାବେଳର ଏହି ସେଶନ୍‌ରେ ୩୨ଟି ଫ୍ୟାମିଲିର ୧୧୧ ଜଣ ସଦସ୍ୟ ଓ ୧୮ ଜଣ ବ୍ୟକ୍ତିଗତ ରୂପେ ନିଜ ପ୍ରୀୟ ଆକାଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କରିବା ସହିତ ସାକ୍ଷାତ ମଧ୍ୟ କଲେ । ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ଜର୍ମାନୀର ନିମ୍ନଲିଖିତ ଯମାତ୍ ଗୁଡ଼ିକରୁ ଆସିଥିଲେ ।

| | |
|---|---|
| Ludenscheid | Trier |
| Weiterstadt | Mannheim |
| Rudesheim | Iselohn |
| Ginsheim | Wurzburg |
| Eppertshausen | Balingen |
| Frankfurt | Goddelau |
| Bensheim-West | Dietzenbach |
| Al Tenstadt | Euskirchen |
| Stategard | Ratingen |
| Baden | Grasgerau |

ଉପରୋକ୍ତ ଯମାତ୍‌ଗୁଡ଼ିକ ବ୍ୟତିତ ପାକିସ୍ତାନ, ସୁଇଜରଲ୍ୟାଣ୍ଡ, କାନାଡ଼ା ଏବଂ କାଦିୟାନ୍ (ଭାରତ)ରୁ ଆସିଥିବା କେତେକ ସଦସ୍ୟ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ସାକ୍ଷାତ କରିବାକୁ ଆସିଥିବା ଏହି ସମସ୍ତ ଲୋକମାନେ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ଛାତ୍ରଛାତ୍ରୀମାନଙ୍କୁ ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ କଲମ ପ୍ରଦାନ କଲେ ଏବଂ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ସନ୍ଧ୍ୟା ୮.୧୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ତକ୍‌ରିବେ ଆମିନ୍

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷମାନଙ୍କ ହଲ୍ ଭିତରେ ପଦାର୍ପଣ କଲେ ଯେଉଁଠି ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା । ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ୩୫ଜଣ ଛୋଟ ଛୋଟ ପୁଅପିଲାମାନଙ୍କ ଠାରୁ ପବିତ୍ର କୁର୍‌ଆନ୍ କରିମ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଏବଂ ଶେଷରେ ଦୁଆ କରାଇଲେ ।

ଅଜିଜା ଆଶିର୍ ମେହ୍‌ମୁଦ୍, ଆଜିଶ୍ ଅଲୀ ରଜା, ମୁହମ୍ମଦ୍ ଅବ୍‌ଦୁଲ୍ଲାଃ, ରିୟାନ୍ ଭଟ୍ଟି, ହାରିସ୍ ମେହ୍‌ମୁଦ୍, ଫାରିସ୍ ଅହ୍‌ମଦ୍ ଅତିକ୍, ନୂରୁଲ୍ ହକ୍ ଶମସ୍, ଓ୍ୱକାସ୍ ଅହ୍‌ମଦ୍, ଚୌଧୁରୀ ଫାତେହ୍ ଅହ୍‌ମଦ୍, ନୂର୍ ଇସ୍‌ଲାମ୍, ମୁହମ୍ମଦ ମନାନ୍ ଗୁଲ୍, ଅହ୍‌ମଦ୍ ଫୌଜାନ୍ ତାହିର୍, କାଶିଫ୍ ମେହ୍‌ମୁଦ୍, କାହ୍‌ଲୁଁ କାଶିଫ୍ ଇମ୍‌ରାନ୍, ଓ୍ୱଲିଦ୍ ଅହ୍‌ମଦ୍ ନାଏକ୍, ରୌଶନ୍ ମନ୍‌ଶୁର୍, ଅଦ୍‌ନାନ୍ ଉସ୍‌ମାନ୍ ଅହ୍‌ମଦ୍, ମୁହମ୍ମଦ୍ ତଲ୍‌ହା, ମସ୍‌ରୁର୍ ଅହ୍‌ମଦ୍, ଅୟାନ୍ ଅଫାନ୍ ଅହ୍‌ମଦ୍, ତମ୍‌ସିଲ୍ ଅହ୍‌ମଦ୍, ଦାନିୟାଲ୍ ଅହ୍‌ମଦ୍, ନବ୍‌ରାସ ଅଲୀ ୟୁସୁଫ୍, ଓ୍ୱଲିଦ୍ ଅ୍‌ମଦ୍ ବାରି, ଶେଖ୍ ଅର୍‌ସଲାନ୍, ଲବିକ୍ ଅହ୍‌ମଦ୍ ନାଏକ୍, ଫୌଜାନ୍ ମିର୍ଜା ନସିବ୍ ଅହ୍‌ମଦ୍, ରୌଶନ୍ ଅହ୍‌ମଦ୍, ଅରସଲାନ୍ ମଲକ୍, ମୁହମ୍ମଦ୍ ଜାଜିବ୍, ଦାନିଶ୍ ଇକ୍‌ରାମ୍, ମୁହମ୍ମଦ୍ ଇବ୍ରାହିମ୍, ସଦିବ୍ ସାଜିଦ୍ ଏବଂ ହାଶିର୍ ଅହ୍‌ମଦ୍ ମେହ୍‌ମୁଦ୍ ।

ଏହି ଆମିନ୍ ଉତ୍ସବ ପରେ ହଜୁର ଅନଓ୍ୱର ଅ:ବ:ଅ ମଗ୍‌ରିବ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ୧୭ ଅକ୍ଟୋବର ୨୦୧୯ (ଗୁରୁବାର)

ହଜୁର ଅନଓ୍ୱର ଅ:ବ:ଅ ଭୋର ୭ଟା ବେଳେ ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ପୁଣି ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରୀ ଡ଼ାକ, ଚିଠିପତ୍ର ଏବଂ ରିପୋର୍ଟସ ଇତ୍ୟାଦି ନିରୀକ୍ଷଣ କଲେ ଓ ସେ ସବୁରେ ହିଦାୟତ ପ୍ରଦାନ କଲେ । ଏହିଭଳି ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଠିକ୍ ଦିନ ୨ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଉପରବେଳା ମଧ୍ୟ ହଜୁର ଅନଓ୍ୱର ଅ:ବ:ଅ ସେହି ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ସମୟ ଅତିବାହିତ କଲେ । ପୁଣି ପ୍ରୋଗ୍ରାମ ମୁତାବକ ସନ୍ଧ୍ୟା ୬:୧୫ ମିନିଟରେ ନିଜ ଦଫ୍‌ତର୍‌ରେ ପଦାର୍ପଣ କଲେ ଯେଉଁଠି ଫ୍ୟାମିଲି ସାକ୍ଷାତକାରର ପ୍ରୋଗ୍ରାମ ଆରମ୍ଭ ହେଲା ।

### ଫ୍ୟାମିଲି ସାକ୍ଷାତକାର

ଆଜି ୩୫ଟି ଫ୍ୟାମିଲିର ୧୩୬ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ପାଇଲେ । ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ଜର୍ମାନୀର ୨୮ଟି ଭିନ୍ନ ଭିନ୍ନ ଯମାତ୍‌ଗୁଡ଼ିକରୁ ଆସିଥିଲେ । କିଛି ଫ୍ୟାମିଲି ବହୁ ଦୂରରୁ ଯାତ୍ରା କରି ଏଠାରେ ଆସି ପହଂଚିଥିଲେ । ପ୍ରାୟାରରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୨୦୦ କିଲୋମିଟର, ଓ୍ୱେବଲିନ୍ ଜେନ୍‌ରୁ ଆସିଥିବା ୧୧୫ କିଲୋମିଟର, କ୍ୟାସିଲ୍‌ରୁ ଆସିଥିବା ସଦସ୍ୟମାନେ ୨୨୦ କିଲୋମିଟର, ଡୁରେନ୍‌ରୁ ଆସିଥିବା ସଦସ୍ୟ ୨୫୦ କିଲୋମିଟର ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ସେହିଭଳି ଆଲେନ୍‌ରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୨୬୦ କିଲୋମିଟର ଏବଂ ଏବିନ୍‌ଜେନ୍ ଓ ବୋଚଂଟରୁ ଆସିଥିବା ପ୍ୟାମିଲିଗୁଡ଼ିକ ଓ ଅନ୍ୟାନ୍ୟ ସଦସ୍ୟମାନେ ୩୦୦ କିଲୋମିଟର ଯାତ୍ରା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ଆଜି ଏହି ସାକ୍ଷାତ କରିବାକୁ ଆସିଥିବା ଲୋକମାନଙ୍କ ମଧ୍ୟରେ ପାକିସ୍ତାନରୁ ଆସିଥିବା ଗୋଟିଏ ଫ୍ୟାମିଲି ମଧ୍ୟ ସାମିଲ ଥିଲା ।

ସାକ୍ଷାତ କରିବାକୁ ଆସିଥିବା ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ଛାତ୍ରଛାତ୍ରୀମାନଙ୍କୁ ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ କଲମ ପ୍ରଦାନ କଲେ ଏବଂ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ ।

ସାକ୍ଷାତ କରିବାକୁ ଆସିଥିବା ଫ୍ୟାମିଲି ଓ ବ୍ୟକ୍ତିଗତ ସଦସ୍ୟମାନେ ଯେଉଁଠି ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ସେଠାରେ ପ୍ରତ୍ୟେକ ଏହି ବୈଭବପୂର୍ଣ୍ଣ କ୍ଷଣରୁ ଅସୁମାରୀ ବର୍‌କତ୍ ସାଉଁଟି ବାହାରକୁ ଆସୁଥିଲେ । ରୋଗୀମାନେ ସ୍ୱାସ୍ଥ୍ୟ ପାଇବା ପାଇଁ ଦୁଆ ପ୍ରାପ୍ତ କଲେ । ବିଭିନ୍ନ ଅସୁବିଧାରେ ପଡ଼ିଥିବା ଲୋକମାନେ ସେହିଭଳି ନାନା ପ୍ରକାରର ଦୁଃଖ ଓ ସମସ୍ୟାରେ ରହିଥିବା ଲୋକମାନେ ନିଜ ନିଜର ଦୁଃଖକଷ୍ଟ ସବୁ ଦୂର ହେବାପାଇଁ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟରେ ଦୁଆ କରିବାକୁ ଦରଖାସ୍ତ କଲେ ଏବଂ ଖୁସି ମନରେ ହସ ହସ ଚେହେରା ନେଇ ବାହାରକୁ ବାହାରୁଥିଲେ । ଛାତ୍ରଛାତ୍ରୀମାନେ ନିଜ ଶିକ୍ଷା ଓ ପରୀକ୍ଷାରେ ସଫଳତା ପାଇବା ପାଇଁ ନିଜ ପ୍ରୀୟ ଆକାଙ୍କଠାରୁ ଆର୍ଶିବାଦ ଗ୍ରହଣ କଲେ । ସୁତରାଂ ପ୍ରତ୍ୟେକ ନିଜ ପ୍ରୀୟ ଆକାଙ୍କ ଦୁଆ (ଆର୍ଶିବାଦ)ରୁ ଭାଗ ପାଇଲେ । ଏହିଭଳି ସମସ୍ତଙ୍କୁ ଖୁସୀ, ଶାନ୍ତି ଏବଂ ଆତ୍ମଶାନ୍ତି ପ୍ରାପ୍ତ ହେଲା । ସାକ୍ଷାତକାରର ଏହି ପ୍ରୋଗ୍ରାମ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଯେଉଁକ୍ଷଣି ଦଫ୍‌ତର ଭିତରୁ ବାହାରକୁ ବାହାରିଲେ ସେହି କ୍ଷଣି ପାହାଚ ନିକଟକୁ ଜଣେ ଯୁବକଙ୍କୁ ଷ୍ଟ୍ରେଚର ଉପରେ ଅଣାଯାଇଥିଲା ତାଙ୍କ ନାମ ହେଉଛି ଅତାଉଲ୍ ଓ୍ୱାସେ ବୟସ ୩୨ । ସେ ହେଉଛନ୍ତି ମୋକରମ୍ ଅବ୍‌ଦୁଲ୍ ଶକୁର୍ ସାହେବ୍ କନୁରି ସିନ୍ଧ୍ ନିବାସୀଙ୍କ ପୁତ୍ର । ସେ ୧୭ ବର୍ଷ ପୂର୍ବେ ଗୋଟିଏ ଦୁର୍ଘଟଣାରେ ମୁଣ୍ଡ ପଟେ ପଡ଼ିଯାଇଥିଲେ ଏବଂ ତାଙ୍କୁ ଭୀଷଣ ଆଘାତ ଲାଗିଥିଲା ସେବେଠାରୁ ସେ କୋମା ଅବସ୍ଥାରେ ଅଛନ୍ତି ନା କିଛି କହୁପାରୁଛନ୍ତି ନା କିଛି ହର୍‌କତ୍ କରିପାରୁଛନ୍ତି । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ସେହି ଯୁବକଙ୍କ ମାଆ ଓ ଭାଇଙ୍କ ସଙ୍ଗେ, ଯେଉଁମାନେ ତାଙ୍କ ନିକଟରେ ଛିଡ଼ା ହୋଇଥିଲେ, ତାଙ୍କ ରୋଗ ସମ୍ବନ୍ଧରେ ପଚାରି ବୁଝିଲେ ଏବଂ **ଆ ଲିସଲ୍ଲାହୁ** ର ମୁଦିଟିକୁ ତାଙ୍କ ଚେହେରା ଲଗାଇଲେ ଓ ତାଙ୍କ ପାଇଁ ଦୁଆ କଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ଭିତରକୁ ଚାଲିଗଲେ । ମସ୍‌ଜିଦ୍ ଏବଂ ତା ସହିତ ସଲଗ୍ନ ଥିବା ବଡ଼ ହଲ୍‌ଟି ମଧ୍ୟ ନମାଜ ପଢ଼ିବାକୁ ଆସିଥିବା ଲୋକଙ୍କ ଦ୍ୱାରା ଭରି ଯାଇଥିଲା । ତେଣୁ ହଜୁର ଅନଓ୍ୱର ଅ:ବ:ଅ ଇନ୍ତେଜାମିୟାଙ୍କୁ ନିର୍ଦ୍ଦେଶ ଦେଲେ ଯେ, ମସ୍‌ଜିଦ୍ ସହିତ ସଲଗ୍ନ ଥିବା ହଲ୍ ଭିତରେ ଯେଉଁ ପ୍ରଥମ ଧାଡ଼ିଟି ନମାଜ ପଢ଼ିବାପାଇଁ କରାଯାଇଛି ଓ ସେଠାରେ ଯେଉଁ ଚଉକି ଗୁଡ଼ିକ ରଖାଯାଇଛି ତାହା ଏମିତି ପୋଜିସନ୍‌ରେ ଅଛି ଯେ, ଇମାମ୍‌ଙ୍କଠାରୁ ଆଗରେ ରହିଛି ତେଣୁ ସେଗୁଡ଼ିକୁ ଗୋଟିଏ ଧାଡ଼ି ପଛରେ ରଖାଯାଉ । ଅତଏବ ସେହି କ୍ଷଣି ଗୋଟିଏ ଧାଡ଼ିଟିକୁ ପଛକୁ କରାଗଲା ଓ ପ୍ରଥମ ଧାଡ଼ିଟିକୁ ଶେଷ କରିଦିଆଗଲା ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମଗ୍‌ରିବ୍ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ୧୮ ଅକ୍ଟୋବର ୨୦୧୯ (ଶୁକ୍ରବାର)

ହଜୁର ଅନଓ୍ୱର ଅ:ବ:ଅ ଭୋର ୭ଟାରେ ମସ୍‌ଜିଦ୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରୀ କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଆଜି ପବିତ୍ର ଶୁକ୍ରବାର ଥିଲା, ନମା ଜୁମା ପାଇଁ ''ବଇତୁସ୍ ସବୁହ୍'' ଫ୍ରାଙ୍କଫର୍ଟଠାରୁ ୫୩ କିମି ଦୂରତାରେ ଅବସ୍ଥିତ ଗେଜେନ୍ ସହରରେ ଥିବା ଫେୟାର ହଲ୍‌ରେ ବ୍ୟବସ୍ଥା ହୋଇଥିଲା । ଏହି ଜାଗାର ମୋଟ କ୍ଷେତ୍ରଫଳ ହେଉଛି ୪୪ ହଜାର ବର୍ଗମିଟର ସେଥିମଧ୍ୟରୁ ୮୭୫୦ ବର୍ଗମିଟର ହଲ୍ ଆକାରରେ ରହିଛି ଏବଂ ସେହି ଫେୟାର ହଲ୍ ମଧ୍ୟରେ ମୋଟ ୭ଟି ହଲ୍ ରହିଛି । ଯେଉଁଠାରେ ବିଭିନ୍ନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥାଏ ।

ଆଜି ଜୁମା ନମାଜ ପାଇଁ ଯମାତ୍ ଅହେମଦୀୟା ପାଂଚଟି ହଲ୍‌କୁ ବ୍ୟବହାର

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 22 April 2021 Issue No. 16

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୧୬ ଅକ୍ଟୋବର ୨୦୧୯ ବୁଧବାର**

ହଜୁର ଅନଓ୍ୱର ଅ:ବ:ଅ ଭୋର ୭ଟାରେ ଫଜର୍ ନମାଜ ପଢ଼ାଇଲେ । ଆଜିଠାରୁ ଫଜର୍ ନମାଜର ସମୟ ୬:୫୦ ମିନିଟ ପରିବର୍ତ୍ତେ ୭ଟା ଧାର୍ଯ୍ୟ କରାଯାଇଅଛି । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ହଜୁର ଅନଓ୍ୱର ଅ:ବ:ଅ ସକାଳବେଳା ଦଫ୍‌ତରୀ ଡ଼ାକ, ଚିଠିପତ୍ର ଇତ୍ୟାଦି ଦେଖିଲେ ଓ ସେଥିରେ ହିଦାୟତ ପ୍ରଦାନ କଲେ ।

**କଜା ବୋର୍ଡ଼ ଜର୍ମାନୀ ସହିତ ମିଟିଙ୍ଗ**

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୧୧:୧୦ ମିନିଟରେ ମସ୍‌ଜିଦ୍‌ରେ ପୁରୁଷମାନଙ୍କ ନିମନ୍ତେ ଥିବା ହଲ୍ ଭିତରକୁ ପ୍ରବେଶ କଲେ । ଯେଉଁଠି ଯମାତ୍ ଜର୍ମାନୀର କଜା ବୋର୍ଡ଼ର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମିଟିଙ୍ଗ୍ କରିବାର ସୌଭାଗ୍ୟ ପାଇଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କଜା ବୋର୍ଡ଼ର ସଦର ସାହେବ ବତାଇଲେ ଯେ, ଏଠି ଆମ କାଜି ସାହେବମାନଙ୍କର ସଂଖ୍ୟା ହେଉଛି ୪୧ । ସେମାନଙ୍କ ମଧ୍ୟରୁ ୨୧ ଜଣ ହେଉଛନ୍ତି କାଜି ଅଓ୍ୱଲ୍ ଏବଂ କଜା ବୋର୍ଡ଼ର ମେମ୍ବରଙ୍କ ସଂଖ୍ୟା ହେଉଛି ୧୬ ଏବଂ ସେହି ୨୧ ଜଣ କାଜିମାନଙ୍କ ମଧ୍ୟରୁ କେହି ହେଲେ ବି ବୋର୍ଡ଼ର ସଦସ୍ୟ ନୁହନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ, କଜା ଅଓ୍ୱଲ୍‌ରେ ବର୍ତ୍ତମାନ କେତେ ସଂଖ୍ୟକ କେଶ୍ ରହିଛି । ଏଥିରେ ନାଜିମ୍ କଜା ସାହେବ ବତାଇଲେ ଯେ, ୨୧ ଜଣ କାଜିଙ୍କ ନିକଟରେ ବତର୍ମାନ ୪୦ଟି କେଶ୍ ରହିଛି, ଯେବେକି ମରାଫା ଉଲାରେ ତିନୋଟି କେଶ୍ ରହିଛି ।

ହଜୁର ଅନଓ୍ୱର ଅ:ବ:ଅ ତଲାକ୍ ଏବଂ ଖୁଲା ସମ୍ବନ୍ଧିୟ କେଶ୍ ବିଷୟରେ ବହୁତ ଗଭୀର ଭାବେ ଅନୁଧାନ କଲେ ଏବଂ ରିପୋର୍ଟ ମୁତାବକ ଏକଥା ଜଣାପଡ଼ିଲା ଯେ, ୧୯୯୦ ମସିହାରେ ୭ଟି କେଶ୍ ଥିଲା ଓ ୨୦୧୮ ମସିହାରେ ଏହି ସଂଖ୍ୟା ବଢ଼ି ୧୫୧ ହୋଇଯାଇଛି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ ହିଦାୟତ ଦେଇ କହିଲେ, ଏଥି ନିମନ୍ତେ ଅମୀର ସାହେବ୍ ଏବଂ ସେକ୍ରେଟାରୀ ତର୍‌ବିୟତ୍ ଦାୟୀ ଅଟନ୍ତି । ସେହିଭଳି ଲଜ୍‌ନା, ଖୁଦାମ୍ ଏବଂ ଅନ୍‌ସାରମାନଙ୍କୁ ମଧ୍ୟ ଏ ସମ୍ବନ୍ଧରେ କାମ କରିବା ଉଚିତ । ଯଦି ସମସ୍ତ ତନ୍‌ଜିମ୍ (ଅନୁଷ୍ଠାନ) ମିଳିମିଶି ଏହି କାମ କରିବେ ତେବେ ଏତେମାତ୍ରାରେ କେଶ୍ ଆସିବ ନାହିଁ । ଏଠାକୁ ଆସି ଉଚ୍ଚଶିକ୍ଷିତ /ଶିକ୍ଷିତା ହୋଇଗଲେଣି କିନ୍ତୁ ଫଳ ଏହା ବାହାରୁଛି ଯେ, ଜାହାଲତ୍, ମୂର୍ଖାମି ବଢ଼ି ଚାଲିଛି । ଝିଅ ପିଲାମାନେ ଯେତେ ପାଠ ପଢ଼ୁଛନ୍ତି ସେମାନଙ୍କର ମୁଣ୍ଡ ଉପରକୁ ହୋଇଯାଉଛି । କାରଣ ପ୍ରତି ଦ୍ୱିତୀୟ କେଶ୍‌ରେ ହେଉଛି ଖୁଲା କେଶ୍ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଗ୍ରାଫ୍ ଅନୁସାରେ ଗୋଟିଏ ସାରଣୀ ଉପସ୍ଥାପନ କରାଗଲା । ତା' ମୁତାବକ ୨୦୦୦ ମସିହାରେ ୧୯ଟି ଖୁଲା କେଶ୍ ଥିଲା ଓ ନଅଟି ତଲାକ, ଦଶ ବର୍ଷ ପରେ ଠିକ୍ ୨୦୧୦ ମସିହାରେ ୮୦ ଟି ଖୁଲା କେଶ୍ ଥିଲା ଓ ୧୭ ଟି ତଲାକ୍ । ପୁଣି ଆଠ ବର୍ଷ ପରେ ୨୦୧୮ ମସିହାରେ ୮୪ଟି ଖୁଲା କେଶ୍ ଥିଲା ଓ ୪୨ଟି ତଲାକ୍ । ଏହି ଗ୍ରାଫ୍‌କୁ ଦେଖିବାପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ୨୦୧୮ ମସିହାରେ ଝିଅ ପିଲାମାନଙ୍କର ବୁଦ୍ଧି ମଧ୍ୟ ଭ୍ରଷ୍ଟ ହୋଇଯାଇଛି ଓ ଏବେ ପୁଅ ପିଲାମାନଙ୍କର ଭୁଲ୍ ମଧ୍ୟ ଅଧିକ ହୋଇଚାଲିଛି ।

ବିବାହପରେ ସେମାନେ କହୁଛନ୍ତି ଯେ, ମୁଁ ତ ମାଆବାପାଙ୍କ କହିବା ଅନୁସାରେ ବିବାହ ହୋଇଯାଇଥିଲି ଯେବେକି ମତେ ଅମୁକ ଝିଅ ପସନ୍ଦ ଥିଲା । ଅମୀର ସାହେବ୍, ସେକ୍ରେଟାରୀ ତର୍‌ବିୟତ୍ ଏବଂ ମୁରବୀମାନଙ୍କର ଏହା ହେଉଛି କାମ ଯେ, ସେମାନେ ସମସ୍ତେ ତର୍‌ବିୟତ୍ କରନ୍ତୁ । ଯଦି ଝିଅ ପିଲା ପସନ୍ଦ ନଥିଲା ତେବେ ଝିଅର ଜୀବନକୁ କାହିଁକି ଖରାପ କଲ ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, କିଛି ପୁଅ ପିଲା ବିବାହ ପୂର୍ବରୁ ଏ କଥା ବତାଇ ଦେଉଛନ୍ତି ଯେ, ଅମୁକ ଝିଅ ସହିତ ବନ୍ଧୁ କରନ୍ତୁ କିନ୍ତୁ ମାଆବାପାଙ୍କ ଜିଦିରେ ବା ମାଆବାପାଙ୍କ ପସନ୍ଦ ମୁତାବକ ସେମାନେ ବିବାହ ଅନ୍ୟତ୍ର ବିବାହ ତ' ହୋଇଯାଉଛନ୍ତି ପୁଣି ଛଅ ମାସ ବା ଏକ ବର୍ଷ ପରେ ଯେତେବେଳେ ତାଙ୍କର ପିଲାପିଲି ହୋଇଯାଉଛି ସେତେବେଳେ ସ୍ତ୍ରୀକୁ ଛାଡ଼ି ଦେଉଛନ୍ତି । ତେଣୁ ତର୍‌ବିୟତ୍ ବିବାହଘର ଲୋକମାନଙ୍କୁ ଏ ସମ୍ବନ୍ଧରେ ବହୁତ କାମ କରିବାର ଆବଶ୍ୟକତା ରହିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେତେବେଳେ କୌଣସି ମହିଳା କଜାରେ ପେଶ୍ ହେଉଛନ୍ତି । ସେତେବେଳେ ତାଙ୍କ ସହିତ ତାଙ୍କୁ ସାହାଯ୍ୟ କରିବାପାଇଁ କୌଣସି ମହିଳା ଆସିବା ଉଚିତ । ସେ ତାଙ୍କୁ ସାହାଯ୍ୟ କରିବାପାଇଁ ଆସନ୍ତୁ ବା ତାଙ୍କର ଓକିଲ ହିସାବରେ ଆସନ୍ତୁ କିନ୍ତୁ ମହିଳା ହେବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ ହିଦାୟତ୍ ଦେଇ କହିଲେ ଯେ, କାଜି ଅଓ୍ୱଲ୍ ସାହେବମାନେ ଏମିତି କିଛି ପ୍ରଶ୍ନ ପଚାରୁଛନ୍ତି, ଯେବେକି ଏଭଳି ପ୍ରଶ୍ନ କରିବା ଠିକ୍ ନୁହେଁ । ଏହିଭଳି ଜଣେ ମହିଳାଙ୍କୁ ଓଲଟା ସିଧା ପ୍ରଶ୍ନ ପଚାରିବା ଅତ୍ୟନ୍ତ ଅଶୋଭନୀୟ ଉଦାହରଣ ସ୍ୱରୁପ ସ୍ୱାମୀ ରାତିରେ କେତେବେଳେ ଆସିଲେ, କେତେ ସମୟ ବିତାଇଲେ ଏହିଭଳି ପ୍ରଶ୍ନ ପଚାରିବା ଠିକ୍ ନୁହେଁ । ହଜୁର ଅନଓ୍ୱର ଅ:ବ:ଅ କହିଲେ, କାଜିମାନଙ୍କୁ ଟ୍ରେନିଙ୍ଗ ଦିଅନ୍ତୁ ସେମାନେ ଏପରି ପ୍ରଶ୍ନ ପଚାରନ୍ତୁ ଯାହା ଭଦ୍ରାମୀ ଦୃଷ୍ଟିରୁ ଉଚିତ ହେଉଥିବ । କାନୁନ୍ ଦୃଷ୍ଟିକୋଣରୁ ପ୍ରଥମେ ହକମୀନ୍ (ଦୁଇଜଣ ହକମ୍) ନିର୍ଦ୍ଧାରିତ କରନ୍ତୁ । ଯେଉଁମାନେ ଇସ୍‌ଲାହ୍‌ର କାମ କରିବେ । ତା'ପୂର୍ବରୁ ଅମୀର ସାହେବ୍ ଓ ତର୍‌ବିୟତ୍ ବିଭାଗର ଏ କାମ ଯେ, ସେମାନେ ଇସ୍‌ଲାହ୍ କରିବାପାଇଁ ଚେଷ୍ଟା କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ନିକଟକୁ ମଧ୍ୟ ଗୋଟିଏ ଖୁଲା କେଶ୍ ଆସିଥିଲା । ସେହି ମହିଳାଜଣକ ନିଜ ମାମଲାକୁ ପେଶ୍ କରି କହିଲେ ଯେ, ମୁଁ କେତେକ କାରଣ ଯୋଗୁଁ ଏକଥା ନିଷ୍ପତି କରିଛି ଯେ, ମୁଁ ମୋ ସ୍ୱାମୀଙ୍କ ସହିତ ରହିପାରିବି ନାହିଁ । କାରଣ ସେ ମୋତେ ପସନ୍ଦ ନୁହନ୍ତି । ଆଁ ହଜ୍‌ରତ୍ ସ:ଆ:ସ କହିଲେ, ତୁମ ସ୍ୱାମୀ ଯେଉଁ ହକ୍ ମହର୍ ତୁମକୁ ଦେଇଥିଲେ ତୁମେ ତାଙ୍କୁ ଫେରାଇ ଦିଅ । ଏଥିରେ ସେହି ମହିଳା ଜଣକ କହିଲେ ଯେ, ମୁଁ ତାଙ୍କୁ ଦୁଇଗୁଣା କରି ଦେଇଦେବି, ଏଥିରେ ହଜୁର ସ:ଆ:ସ କହିଲେ, ଠିକ୍ ଅଛି ତାହେଲେ ଦେଇ ଦିଅ । ଏହିଭଳି ଗୋଟିଏ ଖୁଲା କେଶ୍ ଥିଲା । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, କିଛି ଝିଅମାନେ ମତେ ଲେଖୁଛନ୍ତି ଯେ, ଏହିଭଳି କେତେକ ପ୍ରଶ୍ନ କାଜି ସାହେବଙ୍କ ତରଫରୁ ପଚରା ଯାଉଛି ଯେ, ଆମେ ତାହାର ଉତର ଦେଇପାରୁନାହୁଁ । ତେଣୁ ଏଭଳି ପ୍ରଶ୍ନ କରିବା ଅବିବେକି କଥା ।

ମରାଫିଆ ଆଲିଆ ନିକଟକୁ ପଠାଯାଉଥିବା କେଶ୍ ସମ୍ବନ୍ଧରେ ହଜୁର ଅନଓ୍ୱର ଅ:ବ:ଅ ପଚାରି ବୁଝିଲେ । ଏଥିରେ ନାଜିମ୍ କଜା କହିଲେ ଯେ, ଆମେ ୧୭ଟି କେଶ୍ ପଠାଇଥିଲୁ । ମରାଫିଆ ଆଲିଆ ଆଠଟି ଫଇସଲାକୁ ପରିବର୍ତ୍ତନ କରିଛି ଓ ନଅଟି ଫଇସଲାକୁ ପରିବର୍ତ୍ତନ କରିନାହିଁ । ଆମ ଏଠିକାର ନିଷ୍ପତିକୁ ସେ କାଏମ୍ ରଖିଛନ୍ତି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ ହିଦାୟତ୍ ଦେଇ କହିଲେ ଯେ, କଣ ଆପଣମାନେ ତାହା ଦେଖି ନେଲେ ଯେ, କେଉଁ ସବୁ କାରଣ ଯୋଗୁଁ ମରାଫିଆ ଆଲିଆ ନିଷ୍ପତିକୁ ପରିବର୍ତ୍ତନ କରିଛି । ଏହାକୁ ଆପଣମାନେ ଦେଖିବା ଉଚିତ ଓ ତଦନୁସାରେ କାଜିମାନଙ୍କୁ ଟ୍ରେନିଙ୍ଗ ଦିଅନ୍ତୁ । ଏହାଦ୍ୱାରା କାଜିମାନେ ମଧ୍ୟ ଜାଣିପାରିବେ ଯେ, ଏହିସବୁ କାରଣମାନ ଯୋଗୁଁ ସେମାନଙ୍କର ଫଇସଲାକୁ ପରିବର୍ତ୍ତନ କରାଯାଇଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, କଣ ଆପଣ କାଜିମାନଙ୍କର ଟ୍ରେନିଙ୍ଗ କରାଉଛନ୍ତି ? କଣ କାଜିମାନଙ୍କର ରିଫ୍ରେସର କୋର୍ସ କରାଉଛନ୍ତି କି ? ଏହାକୁ ଏମିତି କରାଯାଉ ଯଦ୍ୱାରା କାଜିମାନଙ୍କର ସମୟ ଓ ମୁରାଫିଆ ଆଲିଆର ସମୟ ନଷ୍ଟ ନ ହେଉ ।

ହଜୁର ଅନଓ୍ୱର ଅ:ବ:ଅ ହିଦାୟତ୍ ଦେଇ କହିଲେ ଯେ, ଯଦି ଏଠାରେ ମୁସ୍‌ଲେହ ମଉଦ୍ ର:ଅଙ୍କର କଜାଇ ଫଇସଲା ପ୍ରକାଶ ହୋଇଗଲାଣି ତେବେ ସମସ୍ତଙ୍କୁ ଦିଅନ୍ତୁ । ଏହିଭଳି ଯେତେବେଳେ ଅନ୍ୟସବୁ ପ୍ରକାଶ ହୋଇଯିବ ସେଗୁଡ଼ିକ ମଧ୍ୟ ଦିଅନ୍ତୁ । ଏ ସବୁ ଆପଣଙ୍କ ଲାଇବ୍ରେରୀ ମଧ୍ୟ ରହିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅସଲ କଥା ହେଉଛି ଏହା କି ଏହି ସମସ୍ତ ମାମଲାଗୁଡ଼ିକର ନିଷ୍ପତି ମତେ ଶିଘ୍ର ଶିଘ୍ର ଦରକାର । ପ୍ରତ୍ୟେକ ତିନିମାସରେ ଥରେ ମୋ ନିକଟକୁ ଏହାର ରିପୋର୍ଟ ପଠାନ୍ତୁ ଯେ, ଏହି ଅବଧି ମଧ୍ୟରେ ଯେଉଁ ସବୁ ଖୁଲା ଏବଂ ତଲାକ୍‌ର କେଶ୍ ଗୁଡ଼ିକ କରାଯାଇଅଛି ତାହାର କାରଣ କ'ଣ ଓ କିଭଳି ସେହି ସବୁ କାରଣଗୁଡ଼ିକ ଦୂର କରାଯାଇ ପାରିବ । ରିପୋର୍ଟ ତିଆରି କରି ଅମୀର ସାହେବଙ୍କୁ ମଧ୍ୟ ଦିଅନ୍ତୁ ଓ ମୋ ନିକଟକୁ ମଧ୍ୟ ପଠାନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, କାଜିମାନଙ୍କ ମଧ୍ୟରେ ଏତେମାତ୍ରାରେ ଧୈର୍ଯ୍ୟ ଓ ସାହାସ ରହିବା ଉଚିତ ଯେ, ସେମାନେ ଏକ ଘଂଟା ପର୍ଯ୍ୟନ୍ତ ଗାଳିଗୁଲଜ ଶୁଣିପାରୁଥିବେ । ଯଦି କେଶ୍‌ଗୁଡ଼ିକୁ ଶୁଣିବା ସମୟରେ କାଜି ସାହେବଙ୍କୁ କ୍ରୋଧ ଆସିଯାଏ ତେବେ ସେ ଏକଥା କହିଦିଅନ୍ତୁ ଯେ, ବର୍ତ୍ତମାନ ଏ କେଶ୍‌ଟି ଶେଷ କରାଯାଉଛି ଓ ଏହାପାଇଁ ନୂଆ ତାରିଖ ଧାର୍ଯ୍ୟ କରାଯାଉଅଛି ବା ସପ୍ତାହ ପରେ ଆସନ୍ତୁ ବା ସଦର କଜା ସାହେବଙ୍କୁ ଏକଥା ସେ କହିଦିଅନ୍ତୁ ଯେ, ଏହି କେଶ୍ ପାଇଁ ଅନ୍ୟ କୌଣସି କାଜିଙ୍କୁ ନିଯୁକ୍ତ କରନ୍ତୁ ।

କଜା ବୋର୍ଡ଼ର ସଦର ସାହେବ କହିଲେ ଯେ, କିଛି ଲୋକ ଏକଥା କହିଦେଉଛନ୍ତି କି, କାଜି ସାହେବ ପକ୍ଷପାତି କରୁଛନ୍ତି । ତେଣୁ ଅନ୍ୟ କାହାକୁ କାଜି ବନାନ୍ତୁ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଲୋକମାନେ, ଦୁଇପକ୍ଷର ଲୋକେ ଏହିଭଳି କଥା ନିଜେ ହିଁ ଅନୁମାନ ଲଗାଇ ଦେଉଛନ୍ତି ଯେବେକି କାଜିମାନଙ୍କର ଏଭଳି କୌଣସି ନିୟତ ନଥାଏ । କାଜିମାନେ ଯେଉଁ ପ୍ରଶ୍ନ ପଚାରୁଛନ୍ତି ଦୁଇପକ୍ଷର ଲୋକମାନେ ସେହି ପ୍ରଶ୍ନକୁ ଆଖି ଆଗରେ ରଖି ଏଭଳି ଅନୁମାନ ଲଗାଇ ଦେଉଛନ୍ତି ।

ସଦର ସାହେବ କଜା ପୁଣି କହିଲେ ଯେ, ଆମେ ଗୋଟିଏ ଫ୍ଲାୟର୍ ବନାଉଅଛୁ ଓ ତାକୁ ପ୍ରତିପକ୍ଷକୁ ଦିଆଯିବ । ଯଦ୍ୱାରା ପକ୍ଷର ଲୋକମାନେ କଜାରେ ଉପସ୍ଥିତ ହେବା ପୂର୍ବରୁ

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan